ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ମାର୍ଚ୍ଚ, ୨୦୨୨



**ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ୨ ଯୁବକ ଗିରଫ**

ରାଜନଗର,(ଡି.ଏନ.ଏ.): ରାଜନଗର ଥାନା ଅଞ୍ଚଳରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ମିର୍ଜାପୁରର ୨ଜଣ ରାଜମିସ୍ତ୍ରି ରବିବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ନିଜ ଭଡ଼ା ଘରକୁ ଡାକିନେଇ ବଳାତ୍କାର କରିଛନ୍ତି। ଦୀର୍ଘଦିନ ଧରି ଏହି ବଙ୍ଗୀୟ ଦୁଇ ଯୁବକ ଏଠାରେ ଭଡାଘର ନେଇ ରାଜମିସ୍ତ୍ରି ଭାବେ କାମ କରୁଛନ୍ତି। ଯୁବତୀଙ୍କ ସରଳତାର ସୁଯୋଗ ନେଇ ବଳାତ୍କାର କରିଛନ୍ତି। ପୀଡ଼ିତା ଯୁବତୀ ଏହି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ବିଳମ୍ବିତ ରାତ୍ରିରେ ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ନଂ. ୧୦୦/୨୨ରେ ମାମଲା ରୁଜୁ କରିବା ସହ ରାହୁଲ ମଣ୍ଡଳ ଓ ଦେଉଲର ପୋବାଦ ମଣ୍ଡଳଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ବ୍ଲକ ସମ୍ମୁଖରେ ମହିଳାଙ୍କ ଧାରଣା

ଧର୍ମଶାଳା,୨୧। ୩(ଡି.ଏନ.ଏ.): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତରେ ରାଶନ ସାମଗ୍ରୀ ଅନିୟମିତତା ନେଇ ଡିଲର ଓ ହିତାଧିକାରୀଙ୍କ ମଧ୍ୟରେ ପାଟିତୁଣ୍ଡ ସହ ମାରପିଟ ହୋଇଥିଲା। ପ୍ରତିବାଦରେ ହିତାଧିକାରୀମାନେ ଧର୍ମଶାଳା ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓଙ୍କ ଅନୁପସ୍ଥିତି ଯୋଗୁ ଖବର ପାଇ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମହିଳାମାନଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ମହିଳାମାନେ ଧାରଣାରୁ ଉଠିଛନ୍ତି। ରବିବାର କୁମାରୀ ପଞ୍ଚାୟତର ଡିଲର କଳ୍ପନା ସ୍ୱାଇଁଙ୍କ ନିକଟକୁ ହିତାଧିକାରୀମାନେ ରାଶନ ସାମଗ୍ରୀ ଆଣିବାକୁ ଯାଇଥିଲେ। ସେ ହିତାଧିକାରୀମାନଙ୍କୁ ମାର୍ଚ୍ଚର ସାମଗ୍ରୀ ଦେଇଥିଲେ। ଜାନୁୟାରୀ ଓ ଫେବୃୟାରୀର ସାମଗ୍ରୀ କୁଆଡେ ଗଲା ବୋଲି ହିତାଧିକାରୀମାନେ ପ୍ରଶ୍ନ କରିବାରୁ ସଂପୃକ୍ତ ଡିଲର ଓ ତାଙ୍କ ସ୍ୱାମୀ ସୁଦର୍ଶନ ସ୍ୱାଇଁ ଉତ୍‌କ୍ଷିପ୍ତ ହୋଇ ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ମାରପିଟ ହୋଇଥିଲା। ପରେ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

### କ୍ରିକେଟ୍: ନର୍ଥ ଇଲେଭେନ ଷ୍ଟାର ଚାମ୍ପିୟନ

ରାଜନଗର,୨୧।୩(ଡି.ଏନ.ଏ.): ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଖେଳପଡିଆରେ ଚାଲିଥିବା ଡାଙ୍ଗମାଳ ପ୍ରିମିୟର ଲିଗ ସୋମବାର ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ନର୍ଥ ଇଲେଭେନ ଷ୍ଟାର ଓ ବନଦୁର୍ଗା ସାଉଥ୍ ଷ୍ଟାର ମଧ୍ୟରେ ମୁକାବିଲା ହୋଇଥିଲା। ବନଦୁର୍ଗା ସାଉଥ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ନର୍ଥ ଇଲେଭେନଷ୍ଟାର ୮ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଛି। ପପୁନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ବଳରାମ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ, ସତ୍ୟ ରଞ୍ଜନ ସ୍ୱାଇଁଙ୍କୁ ବେଷ୍ଟ ଅଲ ରାଉଣ୍ଡର, ତନ୍ମୟ ବେହେରାଙ୍କୁ ବେଷ୍ଟ ବୋଲର ପୁରସ୍କାର ପ୍ରଦାନ କରାଯାଇଥିଲା। ରଶ୍ମି ରଞ୍ଜନ ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ଦ୍ରୌପଦୀ ସେଠୀ, ଅନସୂୟା ବିଶ୍ୱାଳ, ଶ୍ରୀଚରଣ ଦାସ, କାର୍ତ୍ତିକ ଚରଣ ବେହେରା, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ମୀଧର ପାଢୀ, ଅଶୋକ ଦଳାଇ, ସଞ୍ଜୟ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

### ଠାକୁରଙ୍କ ମେଳଣକୁ ନା, ବିଧାୟକଙ୍କ ଶୋଭାଯାତ୍ରାକୁ ହଁ

କୁଜଙ୍ଗ,୨୧।୩(ଡି.ଏନ.ଏ): ଜଗତ୍‌ସିଂହପୁର ଜିଲା କୁଜଙ୍ଗର ପ୍ରସିଦ୍ଧ ରାଜାଘର ମେଳଣ ଚଳିତବର୍ଷ ବନ୍ଦ ହୋଇଯାଇଛି। ମାତ୍ର ଏହାର ଚାରିଦିନ ପରେ ସୋମବାର ସ୍ଥାନୀୟ ବିଧାୟକ ସମ୍ବିତ୍ ରାଉତରାୟ ତାଙ୍କ ୪୮ତମ ଜନ୍ମଦିବସ ପାଳିବା ନିମନ୍ତେ ବାଜା ବଜାଇ, ବାଣ ଫୁଟାଇ ରୋଶଣି କରି ଆସିଥିଲେ। ଏହାକୁ ବିରୋଧ କରି କୁଜଙ୍ଗର ସାମାଜିକ କର୍ମୀ ହୃଷୀକେଶ ନାଥ ଏକ ପ୍ରେସ୍ ବିଜ୍ଞପ୍ତି କରି ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରାୟ ୩୦୦ ବର୍ଷର ପୁରୁଣା ଏହି ମେଳଣ ବନ୍ଦ ହୋଇଯିବାରୁ କୁଜଙ୍ଗର ଠାକୁର ବାଡିରୁ ଆସୁଥିବା ଶ୍ରୀବଳଦେବ ଜୀଉ, ରଘୁନାଥ ଜୀଉ ଓ ଗୋପୀନାଥ ଜୀଉଙ୍କ ମେଳଣ ପରମ୍ପରା ଭାଙ୍ଗି ଯାଇଛି। ଏହି ମେଳଣରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ମା' ରାମଚଣ୍ଡୀ ହେଉଛନ୍ତି ଥାନପତି। ମା' ରାମଚଣ୍ଡୀଙ୍କ ବିମାନ ରୋଶଣି ଆରମ୍ଭ ହେବାପରେ ଅନ୍ୟ ବିମାନଗୁଡ଼ିକର ରୋଶଣି ହୁଏ। ମାତ୍ର କେନ୍ଦ୍ରାପଡ଼ା ଜିଲ ପ୍ରଶାସନ କରୋନା କଟକଣା ଦର୍ଶାଇ ଏଥିପାଇଁ ଅନୁମତି ନ ଦେବାରୁ ଏହି ମେଳଣ ହୋଇପାରି ନ ଥିଲା ବୋଲି ଠାକୁର ବାଡ଼ି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଥିଲା। ଏଥିରେ କମିଟିର ଅପାରଗତା ଦର୍ଶାଇ ଏହାକୁ ପରିବର୍ତ୍ତନ କରିବାକୁ ଦାବିକରି ସେତେବେଳେ ଧାରଣା ଦିଆଯାଇଥିଲା। ମାତ୍ର ସୋମବାର ବିଧାୟକ ରାଉତରାୟଙ୍କ ଜନ୍ମଦିନ ନିମନ୍ତେ ଶୋଭାଯାତ୍ରାକୁ କିପରି ଅନୁମତି ଦିଆଗଲା, ସେନେଇ ନାଥ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର କହିଛନ୍ତି, ଜଗତ୍‌ସିଂହପୁର ଜିଲା ପାଇଁ କୌଣସି କଟକଣା ନାହିଁ। ଏଠାରେ କେଉଁ କାରଣରୁ ମେଳଣ ହୋଇପାରିଲାନାହିଁ ସେ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି କହିପାରିବ। ଏ ପ୍ରସଙ୍ଗରେ ମନ୍ଦିର ପରିଚାଳନା କମିଟିର ମ୍ୟାନେଜିଂ ଟ୍ରଷ୍ଟି ଡ. କୁଳମଣି ସାମଲ କହିଛନ୍ତି, ପରିଚାଳନା କମିଟି ମଧ୍ୟରେ ସମସ୍ୟା ଥିବାରୁ ମେଳଣ ହୋଇପାରି ନ ଥିଲା। ଏ ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସେ ପୌର ନିର୍ବାଚନ ପାଇଁ ବ୍ୟସ୍ତ ଥିବା ଦର୍ଶାଇ ଏଡ଼ାଇ ଯାଇଥିଲେ। ଏନେଇ ବିଧାୟକ ରାଉତରାୟଙ୍କୁ ମୋବାଇଲ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ।

# ପ୍ରଚାରରେ ହେଭିୱେଟଙ୍କ ଦେଖା ମିଳିଲାନି

## ପଟ୍ଟାମୁଣ୍ଡାଇ ପୌର ନିର୍ବାଚନକୁ ୨ ଦିନ ବାକି

ପଟ୍ଟାମୁଣ୍ଡାଇ ୨୧।୩(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌର ପରିଷଦ ପାଇଁ ୩ ପ୍ରମୁଖ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ବିଜେଡି, ଭାଜପା ଓ କଂଗ୍ରେସ ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଅଭିଯାନର ଅନ୍ତିମ ପର୍ଯ୍ୟାୟରେ ପୂରା ଦମ୍ ଲଗାଇ ଦେଇଛନ୍ତି। ପଞ୍ଚାୟତ ନିର୍ବାଚନରେ ପଟ୍ଟାମୁଣ୍ଡାଇ ବ୍ଲକରେ ସମସ୍ତ ଜିଲା ପରିଷଦ ଆସନରେ ବିଜେଡି ବିଜୟୀ ହେବା ସତ୍ତ୍ୱେ ପୌର ନିର୍ବାଚନରେ ସଂଘର୍ଷ କରିବାକୁ ପଡୁଛି। ବିଶେଷକରି ପଟ୍ଟାମୁଣ୍ଡାଇ ସହରରେ ଡ୍ରେନେଜ ଅବ୍ୟବସ୍ଥା, ଅଳିଆ ଅବର୍ଜନା ଓ ବର୍ଷାଦିନେ ରାସ୍ତାରେ ପାଣି ଜମି ରହିବା, ରାସ୍ତାରେ ଗୋରୁ ବୁଲିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜିବା, ବିଜ୍ଞାପିତ ଅଞ୍ଚଳରୁ ପୌରାଞ୍ଚଳ ମାନ୍ୟତା ମିଳିବ ୭ ବର୍ଷ ଅତିବାହିତ ହୋଇଥିଲେ ବି ବସ୍‌ଷ୍ଟାଣ୍ଡ ନ ଥିବା, ୱାର୍ଡଗୁଡିକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇ ପଡିଥିବା ବ୍ୟବସ୍ଥାକୁ ନେଇ ବିରୋଧୀ ଦଳଗୁଡିକ ଅସ୍ତ୍ର କରିଛନ୍ତି। ହେଲେ ବିଜେଡିର ନିର୍ବାଚନ ପ୍ରସ୍ତୁତି ଓ ରଣକୌଶଳ ସମ୍ମୁଖରେ ତାହା ଫିକା ପଡିଯାଉଛି ବୋଲି ଆଲୋଚନା ହେଉଛି। ୨୦୧୩ ପଟ୍ଟାମୁଣ୍ଡାଇ ପୌର ନିର୍ବାଚନରେ ବିଜେଡିକୁ ସଫଳତା ମିଳିଥିବା ବେଳେ ଏଥର କଂଗ୍ରେସର କିଛିଟା ପ୍ରଭାବ ରହିଛି। ବିଶେଷକରି ରାଜ୍ୟର ଅନ୍ୟ ସ୍ଥାନ ତୁଳନାରେ ଦଳ କଂଗ୍ରେସ ଏଠାରେ ଅପେକ୍ଷାକୃତ ସୁବିଧାଜନକ ସ୍ଥିତିରେ ରହିଛି। ହେଲେ ବିଗତ ଦିନର କର୍ମଫଳ ଏହି ନିର୍ବାଚନରେ ସିଧାସଳଖ ପ୍ରଭାବ ପକାଇବ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି। ଅନ୍ୟପକ୍ଷେ ଏଯାଏ କୌଣସି ହେଭିୱେଟ ନେତାଙ୍କୁ ନିର୍ବାଚନ ପ୍ରଚାରରେ ଦେଖିବାକୁ ମିଳିନାହିଁ। ପୌର ନିର୍ବାଚନରେ ଭାଜପା ନିଜର ହେଭିୱେଟ୍ ନେତାଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇବ ବୋଲି ପୂର୍ବରୁ ଘୋଷଣା କରିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଓ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି ରାଜ୍ୟ ଭାଜପା ସୂଚନା ଦେଇଥିଲା। କିନ୍ତୁ ଏହି ବରିଷ୍ଠ ହେଭିୱେଟ୍ ନେତା ପ୍ରଚାର ମଇଦାନକୁ ଓହ୍ଲାଇ ଥିଲେ କର୍ମୀଙ୍କ ମଧ୍ୟରେ ଜୋସ୍ ବଢିବା ସହ ଦଳୀୟ ପ୍ରାର୍ଥୀଙ୍କ ଜିତିବା ସମ୍ଭାବନା ରହି ପାରିଥାନ୍ତା। ମାତ୍ର ସେଭଳି ହେଲାନାହିଁ। ପଞ୍ଚାୟତ ନିର୍ବାଚନର ବିଫଳତାର କାରଣ ମଧ ଏ ପର୍ଯ୍ୟନ୍ତ ଖୋଜିବାରେ ଭାଜପା ଉଦ୍ୟମ କରିନି କି କର୍ମୀଙ୍କ ଜୋସ୍ ବୃଦ୍ଧି ପାଇଁ ଠୋସ୍ ପଦକ୍ଷେପ ବି ନେଇନି। ଓଲଟା ଭାଜପା ଓ କଂଗ୍ରେସର ଏଭଳି ଦୁର୍ବଳ ନିର୍ବାଚନୀ ରଣନୀତି ପରୋକ୍ଷରେ ତୀବ୍ର ଗୋଷ୍ଠୀ କନ୍ଦଳ ଥିବା ସତ୍ତ୍ୱେ ବିଜେଡି ପ୍ରାର୍ଥୀଙ୍କ ନିମନ୍ତେ ବରଦାନ ସାବ୍ୟସ୍ତ ହେବାରେ ଲାଗିଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ପ୍ରକାଶ କରିଛନ୍ତି। ଅଧିକାଂଶ ନେତା ମାଇକ ଯୋଗେ ପ୍ରଚାର କରି ଲୋକଙ୍କ ନିଦ ହଜାଇ ଦେଉଛନ୍ତି। ଶବ୍ଦ ପ୍ରଦୂଷଣରେ ଛାତ୍ରୀଛାତ୍ର ନୟାନ୍ତ ହୋଇ ପଡୁଛନ୍ତି। ବିଜେଡିର ବ୍ୟାପକ ପ୍ରସ୍ତୁତି ସମ୍ମୁଖରେ ଅନ୍ୟ ଦଳର ଗତାନୁଗତିକ ପ୍ରଚାର ଫିକା ପଡିଯାଉଛି। ତଥାପି କଂଗ୍ରେସକୁ ହାଲୁକା ଭାବେ ନେବା ଠିକ୍ ହେବ ନାହିଁ ଏବଂ ପୌର ନିର୍ବାଚନରେ ଦଳର ପ୍ରାର୍ଥୀମାନେ ଭଲ କରିବେ ବୋଲି ଦଳୀୟ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାଜପାର ସ୍ଥିତି ସେତେଟା ଦୁର୍ବଳ ନୁହଁ। କେତେକ ୱାର୍ଡରେ ଭଲ ପ୍ରଦର୍ଶନ କରିବା ସହ ପଟ୍ଟାମୁଣ୍ଡାଇ ପୌରସଂସ୍ଥାକୁ ଅକ୍ତିଆର କରିବ ବୋଲି ଭାଜପା ପକ୍ଷରୁ ଆଶା କରାଯାଉଛି। ପଟ୍ଟାମୁଣ୍ଡାଇରେ ପ୍ରଚାର ଅଭିଯାନ ଜୋରଦାର ପରେ କେତେଗୋଟି ୱାର୍ଡରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନେ ଖୋଲା ଖୋଲି ମତ ପ୍ରକାଶ କରୁଛନ୍ତି। ଅଧିକାଂଶ ୱାର୍ଡରେ ଭୋଟରମାନେ ନୀରବ ରହିଛନ୍ତି। ପ୍ରତିକୂଳ ପରିସ୍ଥିତିକୁ ଅନୁକୂଳ କରିବାରେ କଂଗ୍ରେସ ସଫଳ ହେଉଥିବା ପରିଲକ୍ଷିତ ହେଉଛି। ଶାସକ ବିଜେଡିରେ ତୀବ୍ର ଗୋଷ୍ଠୀ କନ୍ଦଳ ଓ ସରକାର ବିରୋଧରେ ଜନଆକ୍ରୋଶ ରହିଥିଲେ ମଧ ବିରୋଧୀ ଦଳ ଏଥିରୁ ଫାଇଦା ନେଇ ପାରୁନାହାନ୍ତି। କିନ୍ତୁ କ୍ଷମତାରେ ଥିବା ବିଜେଡି ଗତ ୫ ବର୍ଷରେ ନିଜର ଦାୟିତ୍ୱ ନିର୍ବାହ କରି ନ ଥିବାରୁ ଲୋକଙ୍କ ଅସନ୍ତୋଷର ଫାଇଦା ନେବାରେ ବିରୋଧୀ ସେତେଟା ସଫଳ ହୋଇପାରିନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



ପଟ୍ଟାମୁଣ୍ଡାଇରେ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାରରେ ପୂର୍ବତନ ଏମ୍ପି ପ୍ରସନ୍ନ ପାଟଶାଣୀ।

# ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ

ଆଳି,୨୧।୩(ଡି.ଏନ.ଏ.)

ଆଳି ଥାନା ଅନ୍ତର୍ଗତ ଗୌଡ଼ପାଟଣା ଗାଁରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗାଁର ବିଜୟନ୍ତୀ ବାରିକଙ୍କ ପୋଖରୀରେ ରାତିରେ ଦୁର୍ବୃତ୍ତମାନେ ବିଷ ପକାଇ ଦେଇଥିବାରୁ ସୋମବାର ସକାଳୁ ମାଛ ସବୁ ମରି ଭାସୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ପରିବାର ଲୋକ ଚିନ୍ତାରେ ପଡିଛନ୍ତି। ଆଳି ଥାନାରେ ବାରିକ ଅଭିଯୋଗ କରିଛନ୍ତି ଯେ, ଗତ ୧୮ ତାରିଖ ରାତିରେ ଗାଁରେ ହରିହାଟ ନାମଯଜ୍ଞ ହେଉଥିବା ବେଳେ ପରିବାର ଲୋକ ସେଠାରେ ଥିଲେ। ରାତି ପ୍ରାୟ ୧୨ଟାରେ ସେମାନେ ଖବର ପାଇଥିଲେ ଯେ ତାଙ୍କ ବାଡ଼ିରେ ଥିବା ପୋଖରୀ ନିକଟରେ ୪ରୁ୫ ଜଣ ଯୁବକ ମାଛ ଚୋରି କରିବାକୁ ଚେଷ୍ଟା କରୁଛନ୍ତି। ଏହା ଜାଣି ସେ ତାଙ୍କ ସ୍ୱାମୀଙ୍କୁ ଡାକି ପୋଖରୀ ପାଖକୁ ପଠାଇଥିଲେ। ସ୍ୱାମୀ ଆସିଯିବାରୁ ଯୁବକମାନେ ପଳାଇ ଯାଇଥିବା ବେଳେ ଜଣେ ଯୁବକଙ୍କୁ ଅଟକ ରଖିଥିଲେ। ତାଙ୍କୁ ତାଙ୍କ ପରିବାର ନିକଟକୁ ନେଇଥିବା ବେଳେ ସେ ସ୍ୱାମୀଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଏପରିକି ମାରି ଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଭଦ୍ରଲୋକମାନେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ରବିବାର ରାତିରେ ତାଙ୍କ ପୋଖରୀରେ ସେହିମାନେ ବିଷ ପକାଇ ଦେଇଛନ୍ତି। ଫଳରେ ପୋଖରୀରେ ଥିବା ଚିଙ୍ଗୁଡ଼ି, ରୋହି, ଭାକୁଡ଼ ଆଦି ମାଛ ମରି ଭାସୁଥିବା ସକାଳେ ଦେଖିବାକୁ ମିଳିଥିଲା। ମହିଳା ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ଋଣ ଆଣି ପୋଖରୀରେ ମାଛ ଚାଷ କରିଥିଲେ। ଦୁର୍ବୃତ୍ତମାନେ ବିଷ ପକାଇ ମାଛ ମାରିଦେବା ପରେ ସେମାନେ ଋଣ କିପରି ଶୁଝିବେ ସେହି ଚିନ୍ତାରେ ପଡିଛନ୍ତି। ଏ ନେଇ ମାଛ ଚୋରି କରିବାକୁ ଆସିଥିବା ଯୁବକମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

# ଜମିବାଡ଼ି ବିବାଦରୁ ମାରପିଟ୍, ଜଣେ କୋର୍ଟ ଚାଲାଣ

ରସୁଲପୁର,୨୧।୩(ଡି.ଏନ୍.ଏ.)

କୁଆଖିଆ ଥାନା ଅନ୍ତର୍ଗତ ଜାବରା ପଞ୍ଚାୟତ ମାନପୁର ଗ୍ରାମରେ ଗତବର୍ଷ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଘଟିଥିଲା। ଉକ୍ତ ଗଣ୍ଡଗୋଳରେ ସମ୍ପୃକ୍ତ ଆତୁଳାନନ୍ଦ ପଟ୍ଟନାୟକଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ଫେବୃୟାରୀ ୨୬ରେ ଏହି ଘଟଣାରେ ସମ୍ପୃକ୍ତ ଉଭୟ ପକ୍ଷରୁ ଜଣେ ଲେଖାଏଁ ଅଭିଯୁକ୍ତ କୋର୍ଟ ଚାଲାଣ ହୋଇଥିଲେ। କୋର୍ଟ ଚାଲାଣ ହୋଇଥିବା ବ୍ୟକ୍ତିମାନେ ସେହି ଗ୍ରାମର ଜଗବନ୍ଧୁ ପଟ୍ଟନାୟକ ଓ ସିପୁନି ଓରଫ ହୃଷିକେଶ ପଟ୍ଟନାୟକ ବୋଲି ପୋଲିସ କହିଛି। ଏହି ବିବାଦକୁ ନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ଏବେ ସୁଧା ମୋଟ ୩ଜଣ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରି ମାମଲାକୁ ନେଇ ତଦନ୍ତ ଜାରି ରଖିଛି।

# ଭିତରକନିକାରେ ଚାଲିଲା ବ୍ୟାଟେରିଚାଳିତ ବୋଟ୍

ରାଜନଗର, ୨୧।୩(ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ସୋମବାରଠାରୁ ବ୍ୟାଟେରିଚାଳିତ ବୋଟ୍ ସେବା ଆରମ୍ଭ ହୋଇଛି। ଫାଇବର ପ୍ଲାଷ୍ଟିକରେ (ଏଫ୍‌ଆର୍‌ପି) ପ୍ରସ୍ତୁତ ବୋଟ୍‌ରେ ଇଞ୍ଜିନ ଓ ବ୍ୟାଟେରି ସଂଯୋଗ କରାଯାଇଛି। ଏହି ବ୍ୟାଟେରିଚାଳିତ ଫାଇବର ବୋଟ୍‌ରେ ୮ଜଣ ବସିପାରିବେ। ବୋଟର ଲମ୍ବ ସାଢେ ୫ ମିଟର, ବୋଟ୍‌ଟି କୋଚିରୁ ଆସିଥିବା ବେଳେ ଇଞ୍ଜିନ ଚେନ୍ନାଇରୁ ଓ ବ୍ୟାଟେରି କୋଲକାତାରୁ ଆସିଛି। ୨୦ ହର୍ସ ପାୱାର ବିଶିଷ୍ଟ ଏହି ବ୍ୟାଟେରିଚାଳିତ ବୋଟ ୪ ଘଣ୍ଟାରେ ସମ୍ପୂର୍ଣ୍ଣ ଚାର୍ଜ ହୋଇଥାଏ। ଏହା ଇଲେକ୍ଟ୍ରିକ ଓ ସୋଲାର ସିଷ୍ଟମରୁ ଚାର୍ଜ ହୋଇପାରିବ। ପ୍ରତି ଘଣ୍ଟାକୁ ୧୦ ରୁ ୧୮ କିମି ସ୍ପିଡରେ ଚାଲି ପାରିବ। ୧୦ କିମି ସ୍ପିଡରେ ଗଲେ ୪ ଘଣ୍ଟା ଓ ୧୮ କିମି ସ୍ପିଡରେ ଗଲେ ଅଢେଇ ଘଣ୍ଟା ଚାଲିପାରିବ। ଏହି ବୋଟ ଶବ୍ଦ ବିହୀନ। ବୋଟର ନାମ ଭାନିକ ରଖାଯାଇଛି। ପରିବେଶ ଉପଯୋଗୀ ଏହି ବୋଟ ଶବ୍ଦ ପ୍ରଦୂଷଣ ରୋକିବାରେ ସହାୟକ ହେବ ବୋଲି ଉଦ୍‌ଘାଟନ କରିବା ଅବସରରେ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି କହିଛନ୍ତି। ଏଥିସହ ପୂର୍ବରୁ ଭିତରକନିକାରେ ଡିଜେଲ ଚାଳିତ ବୋଟ ଚାଲୁଥିଲା। ଗତବର୍ଷଠାରୁ ଭିତରକନିକାରେ ୫ଟି ପେଟ୍ରୋଲ ଚାଳିତ ବୋଟ ଚଳାଚଳ କରୁଛି। ଡିଜେଲ ଓ ପେଟ୍ରୋଲ ବୋଟ ପ୍ରଦୂଷଣ ସହ ତୈଳଦର ବୃଦ୍ଧି ଯୋଗୁ ପର୍ଯ୍ୟଟକମାନଙ୍କୁ ବୋଟ ଭଡା ବୃଦ୍ଧି ବାଧୁଥିଲା। ବ୍ୟାଟେରି ଚାଳିତ ବୋଟ ଚଳାଚଳ କଲେ, ବୋଟ ଭଡା କମିବ ଓ ପର୍ଯ୍ୟଟକଙ୍କୁ ସୁହାଇବ। ଅନୁଷ୍ଠିତ ଉତ୍ସବରେ କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ, ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ ଉପସ୍ଥିତ ଥିଲେ।



ବ୍ୟାଟେରି ଚାଳିତ ବୋଟ।

# ମୃତ୍ୟୁ ପାଖରେ ହାର୍ ମାନିଲା ୫୦ବର୍ଷର ଅଭିଜ୍ଞତା

କେନ୍ଦ୍ରାପଡ଼ା ଅଫିସ,୨୧।୩

ମୃତ୍ୟୁ କାହା ପାଖକୁ କେତେବେଳେ ଆସେ ସେ କଥା କହିବା ଅସମ୍ଭବ। ରଥୀ ମହାରଥୀ ହୁଅନ୍ତୁ କି ସାଧାରଣ ମଣିଷ, ସବୁ କାଳ ହାତରେ ବନ୍ଧା। ଏପରି କି ମୃତ୍ୟୁ ପାଖରେ ନାନା କୌଶଳ ଓ ଅଭିଜ୍ଞତା ବି ହାରମାନେ। କେହି ବି ଜଣେ ମୃତ୍ୟୁକୁ ଟପି ଆଗକୁ ଯାଇପାରେ ନାହିଁ। ରବିବାର ସେମିତି ଏକ ଘଟଣା କେନ୍ଦ୍ରାପଡ଼ା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ସାପ ଧରିବା ଓ ସେହି ସାପକୁ ନେଇ ନିକାଞ୍ଚନ ସ୍ଥାନରେ ଛାଡ଼ିବା କେନ୍ଦ୍ରାପଡ଼ା ସହରର ୭ ନଂ. ୱାର୍ଡ ରସୁଲାବାଦ ଗ୍ରାମର ସୋଲେମାନ ଖାନ (୭୫)ଙ୍କ ବାମହାତର ଖେଳ ଥିଲା। ଆଜି କି କାଲି ନୁହେଁ, ପ୍ରାୟ ୫୦ ବର୍ଷ ଧରି ସେ ଏମିତି ସାପ ଓ ଗୋଧୀ ଧରୁଥିଲେ। ଆଖପାଖ ଗାଁରେ ଯଦି କାହା ଘରେ ସାପ କି ଗୋଧୀ ପଶିଯାଉଥିଲା ଲୋକେ ପ୍ରଥମେ ସୋଲେମାନଙ୍କୁ ଖୋଜୁ ଥିଲେ। କିଏ କିଏ ତାଙ୍କ ଘରକୁ ଆସି ଗାଡ଼ିରେ ବସାଇ ଘଟଣାସ୍ଥଳକୁ ନେଇ ଯାଉଥିଲେ। ସୋଲେମାନ ବି କେବେ କାହାକୁ ମନା କରୁ ନ ଥିଲେ। ଖୁବ୍ ଆଗ୍ରହ ଓ ପାରମ୍ପରିକ କୌଶଳରେ ସେ ବଡ଼ ବଡ଼ ବିଷାକ୍ତ ସାପକୁ ଧରିବାରେ ସଫଳ ହେଉଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ସେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ସାପ ଓ ଗୋଧି ଆଦି ସରିସୃପଙ୍କୁ ଧରି ଜଙ୍ଗଲରେ ଛାଡ଼ିଛନ୍ତି ବୋଲି ପରିବାର ଲୋକେ କହିଛନ୍ତି। ଏପରି କି ସେ ଏଥିପାଇଁ ପାରିଶ୍ରମିକ ବି ନେଉ ନ ଥିଲେ। ଦିନ ଥିଲା ଯେତେବେଳେ ସ୍ନେକ୍ ହେଲ୍ପ ଲାଇନର ସୁବିଧା ନ ଥିଲା, ସେତେବେଳେ ସୋଲେମାନ ଥିଲେ ସମସ୍ତଙ୍କ ବିଶ୍ୱସ୍ଥ। କେବଳ ଏତିକି ନୁହେଁ, କେହି ରୋଗ କଷ୍ଟରେ ପଡିଲେ ସୋଲେମାନ ସହଯୋଗ କରୁଥିଲେ। ହେଲେ ରବିବାର ଅପରାହ୍ନରେ ସୋଲେମାନଙ୍କ ସେହି ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଏକଥାକୁ କେହି ସହଜରେ ବିଶ୍ୱାସ କରୁ ନ ଥିଲେ ମଧ୍ୟ ସତ୍ୟ। ସେ ଘରେ ଥିବା ବେଳେ କେହି ଜଣେ ତାଙ୍କୁ ସାପ ଧରିବାକୁ ଡାକିଥିଲେ। ଖୁବ୍‌ଶୀଘ୍ର ସେ ବସୁପୁରକୁ ସାପ ଧରିବାକୁ ଚାଲିଯାଇଥିଲେ। ହେଲେ ସେଠାରେ ସେ ନିଜ ପାରମ୍ପରିକ କୌଶଳ ଓ ଅଭିଜ୍ଞତାକୁ ଆଧାର କରି ସାପକୁ ନିଜର ଦୁଇ ହାତରେ ମାଡ଼ି ବସିଥିଲେ। ହେଲେ ସେହି ବିଷାକ୍ତ ସାପଟି ତାଙ୍କ ହାତକୁ ହଠାତ୍ କାମୁଡି ଦେଇଥିଲା। ଏହାର କିଛି ସମୟ ପରେ ସୋଲେମାନ ଚେତାଶୂନ୍ୟ ହୋଇପଡିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ୫୦ବର୍ଷର ଅଭିଜ୍ଞତା ମୃତ୍ୟୁ ପାଖରେ ହାର ମାନିଲା ବୋଲି ସମସ୍ତେ କୁହାକୁହି ହେଉଛନ୍ତି।


ସୋଲେମାନ ଖାନ୍ (ଫାଇଲ ଫଟୋ)।

# ସରକାରୀ, ବାଣିଜ୍ୟିକ ପ୍ରତିଷ୍ଠାନ ଆଲୋକୀକରଣ ହେବ

## ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି

ଜଗତ୍‌ସିଂହପୁର ଅଫିସ, ୨୧।୩

ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ବୈଠକରେ ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି ଏହି ଦିବସ କିପରି ପାଳନ କରାଯିବ, ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଏପ୍ରିଲ ୧ ସନ୍ଧ୍ୟାରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଏହି ଦିବସ ପାଳନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପ୍ରଯୋଜନା ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଶା ଦିବସ ଦିନ ପ୍ରାତଃ ସମୟରେ ସହରରେ ଉତ୍କଳ ବନ୍ଦନା ଗାନ ହେବ। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ମାର୍ଚ୍ଚ ୨୫ରେ ବ୍ଲକସ୍ତରୀୟ ଓ ୨୮ରେ ଜିଲାସ୍ତରୀୟ ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସକାଳ ୭ଟାରେ ଜଗତ୍‌ସିଂହପୁର ପୌର ପରିଷଦ ପରିସରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପୌର ପରିଷଦ ମଧ୍ୟରେ ଥିବା ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଆଲୋକୀକରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏହି ଦିବସ ପାଳନର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଲୋକ କବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦର କର୍ମକର୍ତ୍ତା, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବିଭାଗୀୟଅଧିକାରୀମାନେଉପସ୍ଥିତଥିଲେ।

### ତହସିଲଦାରଙ୍କ ଚଢ଼ାଉ, ୫ ଗାଡ଼ି ଜବତ

ଚଣ୍ଡିଖୋଲ,୨୧।୩(ଡି.ଏନ.ଏ.)

ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କ ନେତୃତ୍ୱରେ ରବିବାର ରାତ୍ରିରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅସିହା ମୌଜାରୁ ବେଆଇନ ଭାବେ ମାଟି ଉଠାଣ କରୁଥିବା ୩ ହାଇୱା ଗାଡ଼ିକୁ ଜବତ କରାଯାଇଛି। ବୈରୀଠାରେ ମାଙ୍କଡ଼ା ଖାଦାନ୍‌ରେ ଚଢାଉ କରି ଗୋଟିଏ ଟ୍ରକ ଜବତ କରାଯାଇଛି। ଜାତୀୟ ରାଜପଥରେ ଯାଉଥିବା ଏକ ଚିପ୍‌ସ ବୋଝେଇ ଟ୍ରକକୁ ମଧ ଜବତ କରାଯାଇଥିଲା। ଉପରୋକ୍ତ ଗାଡ଼ି ମାଲିକଙ୍କଠାରୁ ୧ ଲକ୍ଷ ୪୨ହଜାର ଟଙ୍କା ଆଦାୟ କରାଯାଇଛି।

# ଭାଜପାର ୧୫ ସୂତ୍ରୀ ନିର୍ବାଚନୀ ଘୋଷଣା ପତ୍ର

ପାରାଦୀପ,୨୧।୩(ସ୍ୱ.ପ୍ର.)

ପାରାଦୀପ ପୌର ନିର୍ବାଚନ ପାଇଁ ସୋମବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ୧୫ ସୂତ୍ରୀ ଘୋଷଣା ପତ୍ର ଜାରି କରାଯାଇଛି। ଏ ନେଇ ମଧୁବନସ୍ଥିତ ଆମ୍ବେଦ୍‌କର ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଜାଗା ମିଶନରେ ବସ୍ତି ବାସିନ୍ଦାଙ୍କୁ ଥଇଥାନ, ଜଳ ନିଷ୍କାସନ ଓ ଡ୍ରେନେଜ୍ ବ୍ୟବସ୍ଥା, ମାର୍କେଟ ନବୀକରଣ, ପାଇପ୍ ଯୋଗେ ଜଳ ଯୋଗାଣ, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍, ପର୍ଯ୍ୟଟନର ବିକାଶ, ଭେଣ୍ଡିଂ ଜୋନ୍, ମହିଳା ସଶକ୍ତୀକରଣ, ନିଯୁକ୍ତି, ଇଏସ୍‌ଆଇ ହସ୍‌ପିଟାଲ, ବୈଷୟିକ ଶିକ୍ଷା ବ୍ୟବସ୍ଥା, ପୌର ପରିଷଦକୁ ଦୁର୍ନୀତିମୁକ୍ତ, ଶ୍ରମିକ କଲ୍ୟାଣ, ମତ୍ସ୍ୟଜୀବୀ ଓ ଗୋପାଳନ ଯୋଜନା ଆଦି ଲାଗୁ କରିବା ଉପରେ ଧ୍ୟାନ ଦିଆଯାଇଛି। ଏହି ସମ୍ମିଳନୀରେ ଭାଜପା ନଗର ସଭାପତି ସୁବ୍ରତ କୁମାର ପ୍ରଧାନ, ଅଧ୍ୟକ୍ଷ ପ୍ରାର୍ଥୀ ଗୌତମ କୁମାର ନାୟକ, ଯୁବନେତା ସମ୍ପଦ ସ୍ୱାଇଁ ଓ ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ

- ୨୯୪ ଚାଷୀଙ୍କ ଟୋକନ ରଦ୍ଦ ହୋଇଛି
- ସମିତି କାର୍ଯ୍ୟାଳୟରେ ତାଲା ପକାଇଲେ

ବାଲିକୁଦା,୨୧।୩(ସ୍ୱ.ପ୍ର.)

ଟୋକନ ରଦ୍ଦ ହୋଇଯିବାରୁ ବାଲିକୁଦା ବ୍ଲକ ଓଷକଣାସ୍ଥିତ ଶୋଭା ସେବା ସମବାୟ ସମିତି କାର୍ଯ୍ୟାଳୟରେ ପଞ୍ଜୀକୃତ ଚାଷୀମାନେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଏପରି କି କାର୍ଯ୍ୟାଳୟ ସମ୍ମୁଖ ତିହୁଡ଼ି–ନହରଣା ମୁଖ୍ୟରାସ୍ତାରେ ଧାନବସ୍ତା ରଖି ପ୍ରତିବାଦ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତ ସମିତି ଅଧୀନରେ ନାମ ପଞ୍ଜୀକୃତ ହୋଇଥିବା ୨୯୪ ଚାଷୀଙ୍କ ଟୋକନ ଅବଧି ସରିଯାଇଥିବାରୁ ସେମାନଙ୍କ ଧାନ ବିକ୍ରି ହୋଇପାରିନାହିଁ। ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ଧାରଣା ଦେଇଥିଲେ। ଖବର ପାଇ ବାଲିକୁଦା ଥାନାଧିକାରୀ ରଜନୀକାନ୍ତ ମିଶ୍ର, ଅନନ୍ତପୁର ଫାଣ୍ଡି ଅଧିକାରୀ ଅନିରୁଦ୍ଧ ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ତେବେ ଧାନ କିଣା ନ ଯିବା ପର୍ଯ୍ୟନ୍ତ ସମିତି କାର୍ଯ୍ୟାଳୟରେ ତାଲା ଖୁଲିବ ବୋଲି ଆନ୍ଦୋଳନକାରୀମାନେ ଜିଦ୍ ଧରିଥିଲେ। ଜଗତ୍‌ସିଂହପୁର ସେବା ସମବାୟ ସମିତି ସମୂହ ଉପସହକାରୀ ନିବନ୍ଧକ ପ୍ରଭାତ କୁମାର ମହାପାତ୍ର, ଶିବ ପ୍ରସାଦ ମହାନ୍ତି ଓ ପ୍ରଶାସନିକ ଅଧିକାରୀ ରାଖାଲ ସାମଲ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ନ ଥିଲା। ଏହି ଆନ୍ଦୋଳନରେ ଦୁର୍ଗାଚରଣ ସ୍ୱାଇଁ, ରଘୁନାଥ ନାୟକ, ନବୀନ ସାହୁ, ଅମୂଲ୍ୟ ରାଉତ, ନାରଣ ବିଶ୍ୱାଳ, ମଧୁସୂଦନ ମଲ୍ଲିକ, ଅକ୍ଷୟ ପରିଡ଼ା, ବାବାଜି ସ୍ୱାଇଁ, ସତ୍ୟାନନ୍ଦ ନାୟକ, ନରେନ୍ଦ୍ର ସ୍ୱାଇଁ, କୁଳମଣି ରାଉତ, ଦୀପକ ପରିଡ଼ା ପ୍ରମୁଖ ସାମିଲ ଥିଲେ।

# କାଉନ୍‌ସିଲର ପାଇଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା

## କେନ୍ଦ୍ରାପଡ଼ା ପୌର ନିର୍ବାଚନ

କେନ୍ଦ୍ରାପଡ଼ା ଅଫିସ, ୨୧।୩

ଶାସକ ଦଳ ତ୍ରିସ୍ତରୀୟ ପଞ୍ଚାୟତରେ ବିରୋଧୀଙ୍କୁ ହରାଇଛନ୍ତି। ତେବେ କେନ୍ଦ୍ରାପଡ଼ା ପୌରାଞ୍ଚଳର ନିର୍ବାଚନର ପ୍ରାର୍ଥୀମାନେ କଡା ଟକ୍କର ମଧ୍ୟରେ ଅଛନ୍ତି। ବିରୋଧୀ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ସହ ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥୀ ଶାସକ ଦଳକୁ ଏହି ପ୍ରତିଦ୍ୱନ୍ଦ୍ୱିତାକୁ କଷ୍ଟକର କରିଛି। ନିର୍ବାଚନ ପ୍ରଚାର ଆଉ ମାତ୍ର ଦିନଟିଏ ଥିବା ବେଳେ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ଅଧ୍ୟକ୍ଷା ପଦ ପାଇଁ ୪ ଦଳୀୟ ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ହେଉଛି ବୋଲି ରାଜନୈତିକ ବିଶ୍ଳେଷକ ମୀର ଅବୁ ଓବେଦା, ମନୋଜ କୁମାର ସିଂହ, ସେକ ଅମଜାନ ପ୍ରମୁଖ କହିଛନ୍ତି। ସେମାନଙ୍କ କହିବା କଥା ଗତ ଦୁଇ ସାଧାରଣ ନିର୍ବାଚନରେ ବିଜେଡିର ଭୋଟ ହାର କେନ୍ଦ୍ରାପଡ଼ା ପୌରାଞ୍ଚଳରେ କମ ରହିଥିଲା। ଏହାସତ୍ତ୍ୱେ ୨୦୧୧ ପୌର ନିର୍ବାଚନରେ ବିଜେଡି ପରିଷଦ ଗଠନ କରିଥିଲା। ରାଜ୍ୟର ସର୍ବପୁରାତନ ପୌରାଞ୍ଚଳ ବିକାଶ ପାଇଁ ପ୍ରାର୍ଥୀ ପ୍ରସଙ୍ଗ କରିଛନ୍ତି। ପ୍ରଚାର ଓ ଭୋଟରଙ୍କ ଦାବିକୁ ଦେଖିଲେ କାଉନସିଲର ପଦ ପାଇଁ ଏଠାରେ କଡା ମୁକାବିଲା ହେବ। କାଉନସିଲର ପଦରେ ବିଜେଡିର ୧୧ ଓ ୧୭ ନଂ. ପ୍ରାର୍ଥୀ ପ୍ରଚାର ଆଗରେ ଅଛନ୍ତି। ୧ ନଂ. ୱାର୍ଡରେ ଭାଜପା ଓ ବିଜେଡି ମଧ୍ୟରେ ଟକ୍କର ଜୋରଦାର ହେଉଛି। ୨ ନଂ. ଜୋନରେ ଅସନ୍ତୁଷ୍ଟ ବିଜେଡି ତଥା ସ୍ୱାଧୀନ ପ୍ରାର୍ଥୀଙ୍କ ସହ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହାକୁ ଦୃଷ୍ଟିରେ ରଖିଲେ ଭାଜପା ପ୍ରାର୍ଥୀଙ୍କ ପଲା ଭାରି ରହିଛି। ୩ ନଂ. ୱାଡରେ ଭାଜପା ଓ ବିଜେଡି, ୪ ନଂ. ୱାର୍ଡରେ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀ, ୫ ନଂ. ୱାର୍ଡରେ ବିଜେଡି ଓ କଂଗ୍ରେସ ଓ ୬ ନଂ. ୱାର୍ଡରେ ବିଜେଡି ସହ ସ୍ୱାଧୀନ ପ୍ରାର୍ଥୀଙ୍କ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ୭ ନଂ. ୱାର୍ଡରେ ବିଜେଡି ଓ କଂଗ୍ରେସ, ୮ ଓ ୯ ନଂ. ୱାର୍ଡରେ ବିଜେଡି ଓ ଭାଜପା, ୧୦ ନଂ. ୱାର୍ଡରେ ବିଜେଡି ଓ ଅସନ୍ତୁଷ୍ଟ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଲକ୍ଷ୍ୟ କରାଯାଇଛି। ୧୨ ନଂ. ୱାର୍ଡରେ ବିଜେଡି ଓ କଂଗ୍ରେସ, ୧୩ ନଂ. ୱାର୍ଡରେ ବିଜେଡି ଓ ସ୍ୱାଧୀନ, ୧୪, ୧୫ ଓ ୧୬ନଂ. ୱାର୍ଡରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେବ। ପୌରାଞ୍ଚଳର ୧୮ ନଂ. ୱାର୍ଡରେ ଭାଜପା, କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ୧୯ ନଂ. ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ଭାଗ୍ୟଫଳ ନିର୍ଣ୍ଣୟ କରିବ। ତେବେ ୨୦ ନଂ. ୱାର୍ଡରେ କଂଗ୍ରେସ ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେଉଛି। ସେହିପରି ୨୧ ନଂ. ୱାର୍ଡରେ ବିଜେଡି ଓ ଭାଜପା ପ୍ରାର୍ଥୀ ମୁହାଁମୁହିଁ ହୋଇଥିବା ସେମାନେ ଆକଳନ କରିଛନ୍ତି।


ଭାଜପା ପ୍ରାର୍ଥୀମାନେ ନିର୍ବାଚନୀ ପ୍ରଚାର କରୁଛନ୍ତି।

# ବିକାଶର ଦ୍ୱାହିକୁ ପରିବର୍ତ୍ତନର ବାର୍ତ୍ତା

**ନୟାଗଡ ଅଫିସ,୨୧।୩**

ନୟାଗଡ଼ ମ୍ୟୁନିସିପାଲିଟିରେ ବିଜେଡି ବିକାଶକୁ ଦ୍ୱାହି ଦେଇ ଭୋଟ ଭିକ୍ଷା କରୁଥିବାବେଳେ ବିରୋଧୀ କଂଗ୍ରେସ ଓ ଭାଜପା ପରିବର୍ତ୍ତନର ବାର୍ତ୍ତା ବାଣ୍ଟି କ୍ଷମତା ଦଖଲର ପ୍ରୟାସ ଜାରି ରଖିଛନ୍ତି। ତେବେ ପ୍ରତି ରାଜନୈତିକ ଦଳର ନିର୍ବାଚନୀ ସଙ୍ଗୀତ ଅନେକ ଗୁମର କଥାକୁ ପଦାରେ ପକାଉଛି। ସହରର ୱାର୍ଡଗୁଡ଼ିକରେ ପୋଷ୍ଟର ବ୍ୟାନର ଛାଉଣି ହୋଇ ଯାଇଥିବାବେଳେ ପ୍ରଚାର ଗାଡି ଘୂରି ବୁଲୁଛି। ନୟାଗଡ ସହରର ୨, ୩, ୪, ୧୧, ୧୨, ୧୫ ନଂ. ୱାର୍ଡ ପାଇଁ ସିଦ୍ଧେଶ୍ୱର କଲ୍ୟାଣ ମଣ୍ଡପ, ଦେବୋତ୍ତର କଲୋନୀ, ଟ୍ୟାକ୍ସି ଷ୍ଟାଣ୍ଡରେ ସୋମବାର ସଭା କରି ମନ୍ତ୍ରୀ ଅରୁଣ ସାହୁ ଅଧ୍ୟକ୍ଷା ଓ କାଉନସିଲର ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ମନ୍ତ୍ରୀ ଭାଷଣ ପ୍ରସଙ୍ଗରେ କହିଥିଲେ, ନୟାଗଡ଼ରେ ବିକାଶର ଧାରା ଅବ୍ୟାହତି ରହିଛି। ମୁଖ୍ୟମନ୍ତ୍ରୀ ନୟାଗଡ଼ ସହରକୁ ପ୍ରାଧାନ୍ୟ ଦେଇ ଏନ୍ଏସିକୁ ମ୍ୟୁନିସିପାଲିଟି କରାଇଛନ୍ତି। ସେହିପରି ବିଶ୍ୱସ୍ତରୀୟ ବଲାଙ୍ଗୀ ପାର୍କ ପ୍ରକଳ୍ପ କରାଇଛନ୍ତି। ପୁଣି ମହିଳାଙ୍କ ବିକାଶ ପାଇଁ ୧୩ଟି ମିଶନ ଶକ୍ତି ଗୃହ ପାଇଁ ବ୍ୟୟ ବରାଦ କରାଇଛନ୍ତି।




ବିଜେଡି ଚେୟାରମ୍ୟାନ୍, କାଉନସିଲର ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀ ଅରୁଣ ସାହୁ ପ୍ରଚାର କରୁଛନ୍ତି।



କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କୁ ନେଇ ରୋଡ୍ ଶୋ' କରାଯାଉଛି।

ଅନ୍ୟ ଯୋଜନା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଚାଲୁ ରହିଛି। ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ଅବ୍ୟାହତି ରଖିବାକୁ ହେଲେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ପଡିବ ବୋଲି କହିଛନ୍ତି। କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ରୋଡ ଶୋ କରି ଭୋଟ ଭିକ୍ଷା କରାଯାଇଛି। ଜିଲା ସଭାପତି ରଣଜିତ୍ ଦାଶ କାଉନସିଲର ଓ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଭାଜପା ଜିଲା ସଭାପତି ଲାଲା ମୋନଜ ରାୟ ଓ ନାରିନେତ୍ରୀ ଇରାନୀ ରାୟ ଭାଜପାର ଭୋଟ ବ୍ୟାଙ୍କ ବଢ଼ାଇ ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ଲାଗି ପଡିଛନ୍ତି।

ନୟାଗଡ଼ ମ୍ୟୁନିସିପାଲିଟିରେ ୧୬ଟି ୱାର୍ଡରୁ ୧୫ଟି ୱାର୍ଡରେ କାଉନସିଲର ପଦବୀ ପାଇଁ ନିର୍ବାଚନ ହେବ। ୫ନଂ. ୱାର୍ଡରେ କାଉନସିଲର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ନିର୍ବାଚନ ନ ହୋଇ କେବଳ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହେବ। ଏଣୁ ୧୫ଟି ୱାର୍ଡ ପାଇଁ ୩୭ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡିର ୧୫, ଭାଜପାର ୧୫ , କଂଗ୍ରେସର ୮ଜଣ ପ୍ରାର୍ଥୀ ଅଛନ୍ତି। ୧ନଂ. ୱାର୍ଡରେ ଭାଜପାର କୁନ୍ତଳା ପ୍ରଧାନଙ୍କ ସହ ବିଜେଡିର ଶର୍ମିଳା ପ୍ରଧାନଙ୍କର ଲଢ଼େଇ ହେଉଛି। ୨ନଂ. ୱାର୍ଡ ମାନସ ରଞ୍ଜନ ସାହୁ (ଭାଜପା), ଜୟଦେବ ଖୁଣ୍ଟିଆ (କଂଗ୍ରେସ), ଦୀନବନ୍ଧୁ ଗୁରୁ (ବିଜେଡି) ପ୍ରାର୍ଥୀ ହୋଇ ଲଢୁଛନ୍ତି। ୩ ନଂ.ୱାର୍ଡରୁ ପ୍ରମିଳା ଦେଇ (ଭାଜପା), ପୁଷ୍ପଲତା କର (କଂଗ୍ରେସ), ସ୍ୱୟଂପ୍ରଭା ମିଶ୍ର (ବିଜେଡି)ରୁ ପ୍ରାର୍ଥୀ ହୋଇଛନ୍ତି। ୪ନଂ. ୱାର୍ଡରୁ ସବିତା ବେହେରା (ଭାଜପା), ମଞ୍ଜୁ ଗୁମାନସିଂ (ବିଜେଡି) ମଇଦାନରେ ଅଛନ୍ତି। ୬ନଂ. ୱାର୍ଡରୁ ପ୍ରସନ୍ନ କୁମାର ରାଉତ (ଭାଜପା), ବିଶ୍ୱଜିତ ମହାନ୍ତି (କଂଗ୍ରେସ), ରାଜ କୁମାର ସାହୁ (ବିଜେଡି), ୭ ନଂ.ୱାର୍ଡରୁ କୈଳାସ ଚନ୍ଦ୍ର ସିଅ (କଂଗ୍ରେସ), ବାପୁଜୀ ସାହୁ (ଭାଜପା), ଲକ୍ଷ୍ମୀଧର ମହାପାତ୍ର (ବିଜେଡି) ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୮ ନଂ. ୱାର୍ଡରୁ ରଞ୍ଜନ କୁମାର ପଣ୍ଡା (ଭାଜପା), କିଷାନ କୁମାର ଦାସ (ବିଜେଡି) ଏବଂ ୯ନଂ. ୱାର୍ଡରୁ ସାଧନାରାଣୀ ପଟ୍ଟନାୟକ (ଭାଜପା) ଓ ସୁନିତାରାଣୀ ମହାପାତ୍ର (ବିଜେଡି) ନିର୍ବାଚନ ଲଢୁଛନ୍ତି। ୧୦

- ପୋଷ୍ଟର, ବ୍ୟାନରରେ ଛାଉଣି ନୟାଗଡ ସହର
- ନିର୍ବାଚନୀ ସଙ୍ଗୀତ ବଖାଣୁଛି ଗୁମର

ନଂ. ୱାର୍ଡରୁ ପ୍ରଭାତ କୁମାର ଷଡଙ୍ଗୀ (ଭାଜପା), ପୀତବାସ ଖୁଣ୍ଟିଆ (କଂଗ୍ରେସ), ଗୁରୁ ପ୍ରସାଦ ଜେନା (ବିଜେଡି), ୧୧ ନଂ. ୱାର୍ଡରୁ ବିଭୂତି କୁମାର ରଥ ( କଂଗ୍ରେସ), ସଞ୍ଜୁବାଳା ନାୟକ (ଭାଜପା), ଅକ୍ଷୟ କୁମାର ବିଶ୍ୱାଳ (ବିଜେଡି), ୧୨ ନଂ. ୱାର୍ଡରୁ ପ୍ରଭାତି ପରିଡା (ଭାଜପା), ଅଳକା ମଞ୍ଜରୀ ନାୟକ (ବିଜେଡି) ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୩ ନଂ.ୱାର୍ଡରୁ ଲକ୍ଷ୍ମୀପ୍ରିୟା ନାୟକ (ଭାଜପା) ଓ ଅଦିତୀ ନାୟକ (ବିଜେଡି), ୧୪ ନଂ. ୱାର୍ଡରୁ ସ୍ନେହଲତା ପରିଡା (ଭାଜପା), ସୁଷମା ବେହେରା (କଂଗ୍ରେସ), ଉର୍ମିଳା ଜେନା (ବିଜେଡି),୧୫ ନଂ.ୱାର୍ଡରୁ ଭାବ ରଞ୍ଜନ ଦାସ (ଭାଜପା), ଜାନକୀ ବଲ୍ଲଭ ଜେନା (ବିଜେଡି), ୧୬ ନଂ. ୱାର୍ଡରୁ ମିନତି ପଟ୍ଟନାୟକ (ଭାଜପା), ପୁଷ୍ପଲତା ମଲ୍ଲିକ (କଂଗ୍ରେସ), ଗୀତାଞ୍ଜଳି ସ୍ୱାଇଁ (ବିଜେଡି) ଙ୍କର କଡା ଟକ୍କର ହେଉଛି।

## ସଂକ୍ଷେପରେ

### ପଥର ଖଣିରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଓଡ଼ଗାଁ, ୨୧।୩ (ସ୍ୱ.ପ୍ର.):** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୋମଣ୍ଡ ହାଇସ୍କୁଲ ପଛପାଖରେ ଥିବା ପଥର ଖଣିରୁ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି। ମୃତକ ନୟାଗଡ଼ ଜିଲା କେନ୍ଦୁପଲ୍ଲୀ ଗାଁର ସମୀର ପ୍ରଧାନ(୪୫) ବୋଲି ଜଣାପଡିଛି। କିଛିଦିନ ହେଲା କୁରାଳରେ ସେ ସପରିବାର ରହୁଥିଲେ। ସେ ମାଛ ବ୍ୟବସାୟ କରି ପରିବାର ଭରଣ ପୋଷଣ କରୁଥିଲେ। ପାରିବାରିକ ଅଶାନ୍ତି କାରଣରୁ ସେ ରବିବାର ମଧାହ୍ନରୁ ଘରୁ ବାହାରି ଆସିଥିଲେ। ଏପରିସ୍ଥଳେ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଅବସରପ୍ରାପ୍ତ ଭୂତତ୍ତ୍ୱବିଦ୍‌ଙ୍କ ପରଲୋକ

**ଖଣ୍ଡପଡ଼ା, ୨୧।୩ (ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧୀନ ବଳରାମପ୍ରସାଦ ଗାଁର ଭୂତତ୍ତ୍ୱବିତ୍ ଗୋବିନ୍ଦ ଚରଣ ଲେଙ୍କା (୮୨)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ଲେଙ୍କା ଦୀର୍ଘବର୍ଷ ବାଧକ୍ୟ ରୋଗରେ ପୀଡିତ ଥିଲେ। ସେ ଜଣେ ମେଳାପୀ, ବନ୍ଧୁ ବତ୍ସଳ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପୁତ୍ର ସୁଜିତ ପଶ୍ଚିମରାୟ ମୁଖାଗ୍ନି ଦେଇଥିଲେ।

### ବିଶ୍ୱ ବନ ଦିବସ ପାଳିତ



**ଖଣ୍ଡପଡା,୨୧।୩ (ସ୍ୱ.ପ୍ର.):** ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡା ପରିସରରେ ବିଶ୍ୱ ବନ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହ ବିଦ୍ୟାଳୟ ସଭା ଗୃହରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତି ସାହୁଙ୍କ ସଭାପତିତ୍ୱରେ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବନଖଣ୍ଡ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ଅଇନଜୀବୀ ଗିରିଜା ଶଙ୍କର ତରାସିଆ, ଫରେଷ୍ଟର ଶ୍ରୀନିବାସ ଦାଶ ଯୋଗ ଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜଙ୍ଗଲର ଉପକାରିତା, ଗୁରୁତ୍ୱ ଏବଂ ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧରେ କୁଇଜ୍ ଏବଂ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତି ରହି ସହଯୋଗ କରିଥିଲେ। ସେହିପରି ପରିବେଶ ଗଛ ସାର ଭାବେ କଣ୍ଟିଲୋ ଅଞ୍ଚଳର ପରିଚିତ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ବିଶ୍ୱ ବନ ଦିବସ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ଆଜିର ଦିବସ ସମ୍ପର୍କରେ ଅବଗତ କରାଇଥିଲେ। ସାହୁ କୁହନ୍ତି, ଆମେ କେବଳ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ ନେଇ ବନ୍ୟ, ଆଞ୍ଚଳିକ ପଶୁପକ୍ଷୀଙ୍କ ସୁରକ୍ଷା ଓ ବିକାଶ ପ୍ରତି ଅବହେଳା ପ୍ରଦର୍ଶନ କରୁଛେ। ତେବେ ବୃକ୍ଷରୋପଣ ସମୟରେ ବନ୍ୟ ପଶୁ ପକ୍ଷୀଙ୍କର ଖାଦ୍ୟ ଉପଯୋଗୀ ବୃକ୍ଷ ସୁରକ୍ଷା ଓ ନୂତନ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ପ୍ରକାଶ କରିଥିଲେ।

# ଟକ୍କର ଦେଇ ପାରୁନାହାନ୍ତି ବିରୋଧୀ

**ନୟାଗଡ ଅଫିସ,୨୧।୩**

ନୟାଗଡ଼ ଜିଲାର ଦଶପଲ୍ଲା ଏନ୍ଏସିରେ ୧୬ଟି ୱାର୍ଡରେ ୪୪ କାଉନସିଲର ପ୍ରାର୍ଥୀ ଅଛନ୍ତି। ଏଠାରେ ନିର୍ବାଚନ ପୂର୍ବରୁ କଂଗ୍ରେସ ମୂଳପୋଛ ହୋଇ ଯାଇଥିବାବେଳେ ୪, ୧୦, ୧୨, ୧୪ ନଂ. ୱାର୍ଡରେ ଭାଜପା ମୂଳ ମୋଛ ହୋଇ ଯାଇଛି। କଂଗ୍ରେସ ଏଠାରେ ପ୍ରାର୍ଥୀ ଦେଇ ନ ଥିବାବେଳେ ଭାଜପା ୪ଟି ଆସନରେ ପ୍ରାର୍ଥୀ ଦେଇପାରିଲା ନାହିଁ। ଏଠାରେ ବିଜେଡି ବିପକ୍ଷରେ ଅନେକ ଇସ୍ୟୁ ରହିଛି। ପୁଣି ଶାସକ ଦଳ ବିରୋଧରେ ଅସନ୍ତୁଷ୍ଟ ବଢୁଛି। ବିରୋଧୀ ଏହାର ଫାଇଦ ନେଇ ପାରୁ ନ ଥିବାରୁ ପଞ୍ଚାୟତ ନିର୍ବାଚନ ପରି ପୌର ନିର୍ବାଚନରେ ବିଜେଡି ଫାଇଦା ନେଇ ପାରେ। ଏଠାରେ ମୋଟ ପ୍ରାର୍ଥୀ ୪୪ରୁ ୧୬ ପ୍ରାର୍ଥୀ କେବଳ ସ୍ୱାଧୀନ ଅଛନ୍ତି। କିଛି ସ୍ଥାନରେ ବିଜେଡି ପ୍ରାର୍ଥୀଙ୍କୁ ସ୍ୱାଧୀନ ପ୍ରାର୍ଥୀଙ୍କ ସହ ଟକ୍କର ହେଉଛି। ୧ ନଂ. ୱାର୍ଡରେ ଭାଜପାରୁ ରଘୁନାଥ ପଟ୍ଟନାୟକ, ବିଜେଡିରୁ ସୁରେଶ କୁମାର ସିଂହ, ସ୍ୱାଧୀନ ପ୍ରାର୍ଥୀ ସୁଶାନ୍ତ କୁମାର ସିଠ ନିର୍ବାଚନ ଲଢୁଛନ୍ତି। ୨ ନଂ. ୱାର୍ଡରେ ଭାଜପାରୁ କାଇଁଚ ସେଠୀ, ବିଜେଡିରୁ ଜ୍ୟୋତ୍ସ୍ନାରାଣୀ ସେଠୀ, ସ୍ୱାଧୀନ ପ୍ରାର୍ଥୀ ମଲ୍ଲି ନାୟକ ମଇଦାନରେ ଥିବାବେଳେ ୩ ନଂ. ୱାର୍ଡରେ ଭାଜପାର ତପସ୍ୱିନୀ ପଟ୍ଟନାୟକ, ବିଜେଡିର ରଶ୍ମିପ୍ରିୟା ଜେନା, ସ୍ୱାଧୀନରୁ ରଶ୍ମିତା ରଣା ଓ ରୁବି ବାରିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୪ନଂ. ୱାର୍ଡରେ ବିଜେଡିରୁ ସଂଯୁକ୍ତା ଦାଶଗୁପ୍ତା, ସ୍ୱାଧୀନରୁ ବିଣାପାଣି ପାଣି ଲଢ଼େଇ କରୁଛନ୍ତି।



ଭାଜପା ପକ୍ଷରୁ ପ୍ରଚାର କରାଯାଉଛି।

ସେହିଭଳି ୫ ନଂ. ୱାର୍ଡରେ ଭାଜପାରୁ ମଞ୍ଜୁଲତା ନାୟକ, ବିଜେଡିରୁ ମଞ୍ଜୁଲତା ବେହେରା, ସ୍ୱାଧୀନ ପ୍ରାର୍ଥୀ ମାନିନି ସେଠୀ, ୬ନଂ. ୱାର୍ଡରେ ଭାଜପାରୁ ଦିଲୀପ କୁମାର ପାତ୍ର ଓ ବିଜେଡିରୁ ସନୋଜ କୁମାର ସାହୁଙ୍କ ସହ ଲଢ଼େଇ ହେଉଛି। ୭ ନଂ. ୱାର୍ଡରେ ଭାଜପାରୁ ମମତା ଘଡେଇ, ବିଜେଡିରୁ ରଶ୍ମିତା ସାହୁ, ୮ ନଂ. ୱାର୍ଡରେ ବିଜେଡିରୁ କମଳ କୁମାରୀ ପ୍ରଧାନ, ଭାଜପାରୁ ସମିତି ଦେହୁରୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୯ ନଂ. ୱାର୍ଡରେ ଭାଜପାରୁ ପ୍ରମୋଦ କୁମାର ସାହୁ, ବିଜେଡିରୁ ସୈଫୁ ଖାଁ, ସ୍ୱାଧୀନ ପ୍ରାର୍ଥୀ ଶୁକଦେବ ମିଶ୍ର, ୧୦ ନଂ. ୱାର୍ଡରେ ବିଜେଡିର ସନ୍ଧ୍ୟାରାଣୀ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ମତାଞ୍ଜଳୀ ଜେନାଙ୍କ ସହ ଲଢୁଛନ୍ତି। ୧୧ ନଂ. ୱାର୍ଡରେ ଭାଜପାରୁ କିରଣ କୁମାର ସାହୁ, ବିଜେଡିରୁ ସୁକାନ୍ତ କୁମାର ସାହୁ, ସ୍ୱାଧୀନ ପ୍ରାର୍ଥୀ ବସନ୍ତ କୁମାର ସାହୁ,

**ଦଶପଲ୍ଲା ଏନ୍ଏସି**
- ନିର୍ବାଚନ ପୂର୍ବରୁ କଂଗ୍ରେସ ମୂଳ ପୋଛ
- ୪ ଟି ୱାର୍ଡରେ ଭାଜପା ପ୍ରାର୍ଥୀ ନାହିଁ

୧୨ ନଂ. ୱାର୍ଡରେ ବିଜେଡିରୁ ସୋନାଲି ବେହେରା, ସ୍ୱାଧୀନ ପ୍ରାର୍ଥୀ ଅର୍ଚ୍ଚନା ସାହୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୩ ନଂ. ୱାର୍ଡରେ ବିଜେଡିରୁ ଭଗବାନ ନାୟକ, ଭାଜପାରୁ ମନୋଜ କୁମାର ସେଠୀ, ସ୍ୱାଧୀନ ପ୍ରାର୍ଥୀ ଅରୁଣ କୁମାର ଦାସ, ୧୪ ନଂ. ୱାର୍ଡରେ ବିଜେଡିରୁ ପ୍ରଭାତ କୁମାର ସାହୁ, ସ୍ୱାଧୀନ ପ୍ରାର୍ଥୀ କିଶୋର ଚନ୍ଦ୍ର ଦାସ, ୧୫ ନଂ. ୱାର୍ଡରେ ବିଜେଡିରୁ ଉପେନ୍ଦ୍ର କୁମାର ସେନାପତି, ଭାଜପାରୁ ପ୍ରତାପ ଚନ୍ଦ୍ର ପୃଷ୍ଟି, ସ୍ୱାଧୀନରୁ ଲକ୍ଷ୍ମୀଧର ସାହୁ ମଇଦାନରେ ମୁହାଁମୁହିଁ ହେଉଛନ୍ତି। ପୁଣି ୧୬ ନଂ. ୱାର୍ଡରେ ବିଜେଡିରୁ ଚିତ୍ତ ରଞ୍ଜନ ଗୋଛି, ଭାଜପାର ପ୍ରସନ୍ନ କୁମାର ବେହେରା, ସ୍ୱାଧୀନ ପ୍ରାର୍ଥୀ ବ୍ରଜବନ୍ଧୁ ଦାସ, ମନୋଜ କୁମାର ବେହେରା, ରମେଶ ଚନ୍ଦ୍ର ମହାରଣା ନିର୍ବାଚନ ଲଢୁଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଭେଟେରାନ ସେଲ ଖୋଲାଯାଉ

## ରାଜ୍ୟ ଭୂତପୂର୍ବ ସୈନିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ଓଡ଼ଗାଁ, ୨୧।୩ (ସ୍ୱ.ପ୍ର.)**

ରାଜ୍ୟ ଭୂତପୂର୍ବ ସୈନିକ ସଂଘର ରାଜ୍ୟକାରିଣୀ ବୈଠକ ରବିବାର ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ସଭାପତି କଲୋନେଲ ବୀରେନ୍ଦ୍ର ବସ୍ତିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ କଲୋନେଲ ଡ. ଲୋକନାଥ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭା ଆରମ୍ଭରୁ ଶହୀଦ୍‌ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ୮ ଜିଲାରେ ରହିଥିବା ଜିଲା ସୈନିକ ବୋର୍ଡରେ ପ୍ରାୟ ୧୦ବର୍ଷ ହେଲା ସମ୍ପାଦକ ସହ କର୍ମଚାରୀ ପଦବୀ ଖାଲି ପଡିଛି। ଫଳରେ ଅବସରପ୍ରାପ୍ତ ସେନା କର୍ମଚାରୀ, ବୀର ନାରୀ ତଥା କାର୍ଯ୍ୟରତ ସୈନିକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଆଲୋଚନା ହୋଇଥିଲା। ଏ ନେଇ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନିନ୍ଦା କରାଯାଇଥିଲା। ବ୍ଲକ ଓ ଜିଲା ସ୍ତରରେ ରାଜ୍ୟର ଏକମାତ୍ର ପୂର୍ବତନ ସୈନିକ ସଙ୍ଗଠନ ନିମନ୍ତେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଭେଟେରାନମାନେ ଅବସରକାଳୀନ ସମୟରେ ଇସିଏଚଏସ ମାଧ୍ୟମରେ ଉନ୍ନତ ମାନର ହସ୍ପିଟାଲ ସୁବିଧା ପାଉ ନାହାନ୍ତି। ସେମାନଙ୍କୁ ଅଧିକ ହସ୍ପିଟାଲ ଯୋଡିବା ନିମନ୍ତେ ଦାବି ହୋଇଥିଲା। ବିଶେଷତଃ ଏଭଳି ସୁବିଧା ଭୁମନେଶ୍ୱର ବ୍ୟତିରେକ ଅନ୍ୟ ସହରରେ ଥିବା ଇସିଏଚଏସରେ ଉପଲବ୍ଧ କରିବାକୁ ଦାବି ହୋଇଥିଲା । କ୍ୟାଣ୍ଟିନ ପ୍ରଫିଟ ଫଣ୍ଡରୁ ନବ ନିର୍ମିତ ସୈନିକ ଭବନକୁ ସୈନିକଙ୍କ ନିମନ୍ତେ ଉପଲବ୍ଧ କରିବାକୁ ବୋର୍ଡର ଦୃଷ୍ଟି ଆକର୍ଷଣ କରାଯାଇଥିବା ଉପସଭାପତି କଲୋନେଲ ବସ୍ତିଆ ସୂଚନା ଦେଇଥିଲେ।

ଜୋନାଲ ସ୍ତରରେ ଜୋନାଲ ସଙ୍ଗଠକଙ୍କ ଜରିଆରେ ଭେଟେରାନଙ୍କ ଅସୁବିଧା, ଛାତ୍ର ବୃତ୍ତି ଆଦି ସମାଧାନ କରିବାକୁ ସମ୍ବଲପୁର ଜିଲା ସଭାପତି ଦାବି କରିଥିଲେ। ଏସବୁ ସମସ୍ୟାର ସମାଧାନ ନିମନ୍ତେ ଖୁବଶୀଘ୍ର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିବାକୁ ନିଷ୍ପତି ନିଆଯାଇଥିଲା। ବୈଠକରେ ଉପସଭାପତି କମାଣ୍ଡର ନନ୍ଦ କିଶୋର ସାମଲ, ଯୁଗ୍ମ ସମ୍ପାଦକ କଲୋନେଲ ପ୍ରଶାନ୍ତ ସିଂହ, ସୁବେଦାର ପି.କେ. ଦାଶ, ସୁବେଦାର ମେଜର ନୃସିଂହ ଚରଣ ପଣ୍ଡା, ଯୁଗ୍ମ ସମ୍ପାଦକ ବନ ବିହାରୀ ମିଶ୍ର, ମିଡିଆ ସେଲ ସଦସ୍ୟ ଆଦର୍ଶ କୁମାର ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ବ୍ରିଗେଡିୟାର ଅନ୍ତର୍ଯ୍ୟାମୀ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ଭରତ କୁମାର ଦାସ ଓ ହାବିଲଦାର ପ୍ରହ୍ଲାଦ ଗଣ୍ଡିଆଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ।

# ଜୈବିକ କୃଷିକୁ ନେଇ ସଚେତନତା

**ନୟାଗଡ ଅଫିସ,୨୧।୩**

ନୟାଗଡ଼ ବ୍ଲକ ମାଛିପଡା ଗାଁରେ ଜୈବିକ କୃଷି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍ଏସ୍ ସ୍ୱାମୀ ନାଥନ ସ୍କୁଲ ଅଫ ଏଗ୍ରିକଲଚରସ୍ ଅନୁଷ୍ଠାନର ଚତୁର୍ଥ ବର୍ଷର ଛାତ୍ରୀ ପ୍ରଲପ୍ତା ପ୍ରୀୟଦର୍ଶିନୀ ସାହୁ ଭାଗ ନେଇ ଜୈବିକ କୃଷିର ଉପକାରିତା ଓ ଆବଶ୍ୟକତା ଉପରେ ବୁଝାଇଥିଲେ। ସାମ୍ପ୍ରତିକ କୃଷି ପ୍ରଣାଳୀରେ ରାସାୟନିକ ଔଷଧ ଓ ସାରର ପ୍ରୟୋଗ ବଢ଼ି ଚାଲିଛି। ଏଥିରେ କମ୍ ସମୟରେ ଅଧିକ ଫସଲ ଉତ୍ପାଦନ ହେଉଥିଲେ ମଧ୍ୟ ମାଟିର ଉର୍ବରତା କମି ଯାଉଛି। ଜୈବିକ କୃଷିରେ ଅମଳ କମୁଥିଲେ ମଧ୍ୟ ଏହାର ଉପକାରତା ଅନେକ। ମାଟିର ଉର୍ବରତା ରହୁଛି। ଶରୀର ପାଇଁ ଉତ୍ପାଦିତ ସାମଗ୍ରୀ ହିତକାରକ। ଏଣୁ ଜୈବିକ କୃଷିରେ ମନ ନିବେଶ କରିବାକୁ ଚାଷୀଙ୍କୁ ଛାତ୍ରୀ ବିଭିନ୍ନ ପ୍ରକାରର ଉଦାହରଣ ଦେଇ ବୁଝାଇଥିଲେ।



ଜୈବିକ କୃଷି ଲାଗି ଛାତ୍ରୀ ଚାଷୀଙ୍କୁ ସଚେତନ କରୁଛନ୍ତି।

### କାଶୀନଗର ଏନ୍ଏସି: ୨ ବୁଥ୍ ସମ୍ବେଦନଶୀଳ

**କାଶୀନଗର,୨୧।୩**

କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୩ଟି ୱାର୍ଡରେ ୧୩ଟି ବୁଥ ହେବ। ସେଥିମଧ୍ୟରୁ ୱାର୍ଡ ନଂ. ୪ ଓ ୬ନଂ ବୁଥ ସମ୍ବେଦନଶୀଳ ବୋଲି ପୋଲିସ ଚିହ୍ନଟ କରିଛି। ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧ନଂ ୱାର୍ଡ ଗୋଲାପି ବୁଥ, ୧୩ନଂ ୱାର୍ଡ ମଡ଼େଲ ବୁଥ କରାଯିବ। ଏନଏସିରେ ମୋଟ ୮,୧୪୯ ଭୋଟରଙ୍କ ମଧ୍ୟରୁ ୪,୨୪୫ ଜଣ ଓ ୩୯୦୪ ପୁରୁଷ ଭୋଟର। ଏଠାରେ ଏଥର ଅଧ୍ୟକ୍ଷ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଅତିରିକ୍ତ ତହସିଲଦାର ଗୋପାଳକୃଷ୍ଣ ଅଧିକାରୀ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରୁଛନ୍ତି।

### ନୂଆସାହିରେ ଅଷ୍ଟ ପ୍ରହର ନାମଯଜ୍ଞ

**ଖଣ୍ଡପଡ଼ା,୨୧।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତସ୍ଥ ନୂଆସାହିଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୋଲଗଡ, ତେନ୍ତୁଳିଆପଲ୍ଲୀ ଧାନଚାଙ୍ଗଡା, ରାସଙ୍ଗ, ସିଧାମୂଳା ଓ ବାରବାଟି ଆଦି ୮ଟି ଅଞ୍ଚଳ ମହିଳା ଭାଗବତ ମଣ୍ଡଳୀ ଯୋଗଦେଇ ନୃତ୍ୟ ଗୀତରେ ପରିବେଷଣ କରିଥିଲେ। ଶତାଧିକ ଭାଗବତ ପ୍ରେମୀଙ୍କ ସମାଗମ ହୋଇଥିଲା।

# ବିଜେଡିର ମାରାଥନ ପ୍ରଚାର

**ଦଶପଲ୍ଲା ୨୧।୩ (ଡି.ଏନ.ଏ.)**

ପୌର ନିର୍ବାଚନ ନିମନ୍ତେ ଦଶପଲ୍ଲା ଏନ୍ଏସିରେ ବିଜେଡି ପକ୍ଷରୁ ବିଧାୟକ ରମେଶ ଚନ୍ଦ୍ର ବେହେରା ନେତୃତ୍ୱରେ ମାରାଥାନ ପ୍ରଚାର ଚାଲିଛି। ତାଙ୍କ ସହ ଏନ୍ଏସିର ଚେୟାରମ୍ୟାନ ପ୍ରାର୍ଥୀ ରାଣୀ ବେହେରା ସାମିଲ ହୋଇଛନ୍ତି। ପ୍ରତ୍ୟେକ ଦିନ ବିଭିନ୍ନ ୱାର୍ଡରେ କାଉସିଲର ପ୍ରାର୍ଥୀଙ୍କୁ ନେଇ ସଭା ଶୋଭାଯାତ୍ରା ଚଲାଇଛନ୍ତି। ସୋମବାର ଅପରାହ୍ନରେ ୧ ନଂ. କାଉସିଲର ପ୍ରାର୍ଥୀଙ୍କ ପାଇଁ ଘରକୁ ଘର ବୁଲି ବିଧାୟକ ବେହେରା ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହ ଚେୟାରମ୍ୟାନ ପ୍ରାର୍ଥୀ ରାଣୀ ଏବଂ କାଉସିଲର ପ୍ରାର୍ଥ ଓ କର୍ମୀମାନେ ସାମିଲ ହୋଇଥିଲେ। ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପର୍ଯବେକ୍ଷକ ତଥା ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ଦଶପଲ୍ଲା ଗସ୍ତରେ ଦୁଇଦିନ ତଳେ ଆସି ଗାନ୍ଧୀ ମଇଦାନଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇ ପ୍ରଚାର କରିଥିଲେ।



ବିଧାୟକଙ୍କ ସହ ଚେୟାରମ୍ୟାନ ଓ କାଉନସିଲର ପ୍ରାର୍ଥୀ।

# ବର୍ଦ୍ଧିତ ହୋଲ୍ଡିଂ ଟିକସକୁ ନେଇ ରାଜନୀତି

**ନୟାଗଡ଼ ଅଫିସ,୨୧।୩**

ବର୍ଦ୍ଧିତ ହୋଲ୍ଡିଂ ଟିକସକୁ ନେଇ ନୟାଗଡ଼ ପୌର ରାଜନୀତି ଜୋର ଧରିଛି। କ୍ଷମତାକୁ ଆସିଲେ ବର୍ଦ୍ଧିତ ହୋଲ୍ଡିଂ ଟିକସ ଲାଗୁ ହେବନାହିଁ ବୋଲି କଂଗ୍ରେସ ଓ ଭାଜପା ପ୍ରଚାର ସହ ନିର୍ବାଚନୀ ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ଓ ଭାଜପାର ପ୍ରଚାର ପରେ ବିଜେଡି ନରମି କହୁଛି କୌଣସି ପରିସ୍ଥିତିରେ ମ୍ୟୁନିସିପାଲିଟିରେ ବର୍ଦ୍ଧିତ ହୋଲ୍ଡିଂ ଟିକସ୍ ଲାଗୁ ହେବନାହିଁ। ବର୍ଦ୍ଧିତ ହୋଲ୍ଡିଂ ଟିକସ ରାଜନୀତିରେ ଝଡ଼ ସୃଷ୍ଟି କରିବା ପରେ ପୌର ରାଜନୀତି ଗୋଳମାଳ ଧରିଛି।

ନୟାଗଡ଼ ଏନ୍ଏସି ମ୍ୟୁନିସିପାଲିଟି ହେବା ପରେ ସହରବାସୀ ଖୁସି ବ୍ୟକ୍ତ କରିଥିଲେ। ହେଲେ ମ୍ୟୁନିସିପାଲିଟିରେ

- କ୍ଷମତାକୁ ଆସିଲେ ଲାଗୁ ହେବନାହିଁ ଟିକସ
- କଂଗ୍ରେସ, ଭାଜପାର ପ୍ରତିଶ୍ରୁତି ପରେ ନରମିଲା ବିଜେଡି

ବର୍ଦ୍ଧିତ ହୋଲ୍ଡିଂ ଟିକସକୁ ନେଇ ଗତ ୨୦୨୧ ସେପ୍ଟେମ୍ବରରେ ବିଭିନ୍ନ ରାଜନୈତିକ ଦଳ, ଅନୁଷ୍ଠାନ ଓ ସାଧାରଣ ଲୋକ ସମାଲୋଚନା କରିବା ସହ ଟିକସ୍‌କୁ ପ୍ରତ୍ୟାହାର କରି ନେବାକୁ ଚାପ ସୃଷ୍ଟି କରିଥିଲେ। ଏନ୍ଏସିରୁ ମ୍ୟୁନିସିପାଲିଟି ହେବା ପରେ ଲୋକମାନଙ୍କୁ ଅଯଥାରେ ଟିକସ ଲଦି ଦେବା ଠିକ୍ ନୁହେଁ ବୋଲି ଖୋଲାଖୋଲି ବିରୋଧ କରାଯାଇଥିଲା। ନୂଆ ଟିକସ ଲାଗୁ ହେଲେ ଏହା ଜିଜିଆ କରକୁ ବଳିଯିବ ବୋଲି ଅଭିଯୋଗ ହୋଇଥିଲା। ତତ୍କାଳୀନ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ବିଭିନ୍ନ ପ୍ରକାରର ସଫେଇ ଦେଇଥିଲେ ମଧ୍ୟ ତାହା ସହରବାସୀଙ୍କୁ ଆଶ୍ୱସ୍ତି ଦେଇ ପାରି ନ ଥିଲା। ମ୍ୟୁନିସିପାଲିଟିର ଏହି ଅଜବ ନିଷ୍ପତ୍ତି ବିରୋଧରେ ସହରର ଲୋକମାନେ ଏକାଠି ହୋଇ ପ୍ରତିବାଦ କରିବା ସହ ମେଳି ହେବା ଆରମ୍ଭ କରିଥିଲେ। ଏହାପରେ ନୟାଗଡ଼ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବର୍ଦ୍ଧିତ ଟିକସକୁ ସ୍ଥଗିତ ରଖିଥିଲେ। ସେ ସମୟରେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ କହିଥିଲେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ବର୍ଦ୍ଧିତ ହୋଲ୍ଡିଂ ଟିକସ ନେଇ କିଛି ଜାଣି ନ ଥିଲି। ବର୍ଦ୍ଧିତ ଟିକସ ଜନ ବିରୋଧୀ ହୋଇଥିଲେ ଏହାକୁ ଲାଗୁ କରାଯିବାକୁ ବିରୋଧ କରାଯିବ। ଏ ନେଇ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ଏବେ କହୁଛନ୍ତି ବର୍ଦ୍ଧିତ ହୋଲ୍ଡିଂ ଟିକସ ଲାଗୁ ହେବନାହିଁ। ଏହାକୁ ନେଇ ରାଜନୀତି କରା ନ ଯାଉ। ମ୍ୟୁନିସିପାଲିଟି ପକ୍ଷରୁ ବର୍ଦ୍ଧିତ ହୋଲ୍ଡିଂ ଟିକସ ଲାଗୁ ହୋଇନାହିଁ। ଲାଗୁ ହେବାର ପ୍ରସ୍ତାବ ମଧ୍ୟ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷେ ସହରର କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ହୋଲ୍ଡିଂ ଟିକସ ଲାଗୁ ପାଇଁ ପ୍ରସ୍ତାବ ଥିଲା। ନିର୍ବାଚନ ପୂର୍ବର ନିଷ୍ପତ୍ତି ଭୋଟ ଉପରେ ପ୍ରଭାବ ପକାଇପାରେ ପ୍ରଚାର ହେଲା। ଏଣୁ ଟିକସ ଲାଗୁ କରା ନ ଯାଇ ଶୀତଳଭଣ୍ଡାରକୁ ଫୋପାଡି ଦିଆଗଲା। ନିର୍ବାଚନ ଆସିବା ପରେ କଂଗ୍ରେସ ପ୍ରସଙ୍ଗ କରିଛି ୪୦ ଟଙ୍କା ୟୁଜର୍ସ ଫି ପ୍ରତି ମାସରେ ସଫେଇ ଅଳିଆ ଉଠାଇବା ପାଇଁ ଆଦାୟ ହେବନାହିଁ। ପୁଣି ବର୍ଦ୍ଧିତ ହୋଲ୍ଡିଂ ଟିକସ ପ୍ରତ୍ୟାହାର ହେବ। ଭାଜପା ମଧ୍ୟ କଂଗ୍ରେସ ସହ ତାଳ ମେଳାଇ ସହରବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଛି। ବିଜେଡି ମଧ୍ୟ ବର୍ଦ୍ଧିତ ହୋଲ୍ଡିଂ ଟିକସ ଲାଗୁ ହେବ ନାହିଁ କହିବା ପରେ ରାଜନୀତି ଗୋଳମାଳିଆ ହୋଇ ଚାଲିଛି। ଗୋଳମାଳିଆ ରାଜନୀତିରୁ ଫାଇଦା ଉଠାଇବା ପାଇଁ କଂଗ୍ରେସ, ଭାଜପା ଓ ବିଜେଡି ରଣନୀତି ଆପଣେଇଲେଣି। ମୁଣ୍ଡ ଉପରେ ନିର୍ବାଚନ ଥିବାରୁ ସବୁ ଦଳ ପ୍ରଚାରକୁ ଗୁରୁତ୍ୱ ଦେଇ ଭୋଟରଙ୍କୁ ନିଜ ଆଡକୁ ଆକର୍ଷଣ ପାଇଁ ଲାଗି ପଡିଛନ୍ତି। ହେଲେ ସହରାଞ୍ଚଳ ଭୋଟର ପ୍ରାର୍ଥୀ ଓ ଦଳର ଦକ୍ଷତାକୁ ପରଖି ଚାଲିଛନ୍ତି ବୋଲି କହିଛନ୍ତି।

# ଚାଷୀଙ୍କ ଟୋକନ ଲାପ୍ସ : ଧରାପଡ଼ିଲା ଅପାରଗତା

**ନୟାଗଡ଼ ଅଫିସ,୨୧।୩**

ନୟାଗଡ଼ ଜିଲା ରଣପୁର ବ୍ଲକ ଗୌରାଙ୍ଗପୁର ପ୍ରାଥମିକ କୃଷି ସମବାୟ ସମିତିରେ ମିଲର୍ସ, ସମ୍ପାଦକ, ବିଭାଗୀୟ ଅଧିକାରୀଙ୍କ ଅପାରଗତାରୁ ୮୩ ଚାଷୀଙ୍କ ଟୋକନ ଲାପ୍ସ ହୋଇଯାଇଛି। ତେବେ ଟୋକନ ଲାପ୍ସ ହୋଇ ନ ଥିବା ପୂର୍ବରୁ ଚାଷୀ ଧାନମଣ୍ଡିକୁ ଧାନ ଆଣି ରଖିଛନ୍ତି। ହେଲେ ଟାର୍ଗେଟ ନାହିଁ ଦର୍ଶାଇ ମିଲର୍ସ ଓ ସମ୍ପାଦକ ଧାନ କିଣି ନ ଥିବାରୁ ଚାଷୀଙ୍କ ପ୍ରାୟ ୪ ହଜାର କୁଇଣ୍ଟାଲ ଧାନ ୨୫ ଦିନ ହେଲା ସମିତି କାର୍ଯ୍ୟାଳୟ ଭିତରେ ଖରା, ବର୍ଷାରେ ପଡି ରହିଛି। ମଣ୍ଡିରେ ଧାନ ବିକ୍ରି ନେଇ ଚାଷୀ ଏଆରସିଏସ୍, ଜିଲା ଯୋଗାଣ ଅଧିକାରୀ, ଉପଜିଲାପାଳ, ଜିଲାପାଳଙ୍କୁ ଅବଗତ କରାଇଥିଲେ। ହେଲେ ଚାଷୀଙ୍କ ଟୋକନ ରିଭାଲିଡେଟ ହୋଇ ପାରୁ ନାହିଁ। ଚାଷୀ ଧାନକୁ ଶୀଘ୍ର ବିକ୍ରି ପାଇଁ ମଣ୍ଡି ସମ୍ମୁଖରେ ଧାରଣାରେ ବସିଛି। ଧାନ ବିକ୍ରି ହେଲା ପରେ ଧାରଣାରୁ ଉଠିବେ ବୋଲି ଚେତାବନୀ ଦେଇଛି।

ଗୌରାଙ୍ଗପୁର ପ୍ରାଥମିକ କୃଷି ସମବାୟ ସମିତିରେ ଗୌରାଙ୍ଗପୁର, ପିମ୍ପଲ, ବାଉଁଶଗଡ, ବଜ୍ରକୋଟ ଆଦି ୪ପଞ୍ଚାୟତ ରହିଛି। ଏହି ସମିତିକୁ ଚଳିତବର୍ଷ ୧୯ ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିଲା। ଶୁଭଲକ୍ଷ୍ମୀ ରାଇସ ମିଲ ସୁନାଖଳା ଏହି ସମିତିରୁ ଧାନ କିଣୁଥିଲା। ହେଲେ ଏହି ସମିତିରେ ଫେବୃୟାରୀ ୨୫ ସୁଦ୍ଧା ୮୩ ଚାଷୀ ୪ ହଜାର କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଆସିଥିଲେ। ତେବେ ମିଲର୍ସ ଓ ସମିତି ସମ୍ପାଦକ ଧାନ କିଣିଲେ ନାହିଁ। ଫେବୃୟାରୀ ୨୮ରେ ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲା। ଏ ନେଇ ସମିତି ସମ୍ପାଦକ ଭିକାରୀ ଚରଣ ପରିଡା କୁହନ୍ତି, ଜାନୁୟାରୀ ୩୧ ସୁଦ୍ଧା ୧୫ ହଜାର କୁଇଣ୍ଟାଲ ଧାନ କିଣା ହୋଇଛି। ଅବଶିଷ୍ଟ ଧାନ କିଣା ପାଇଁ ଚାଷୀଙ୍କୁ ବସ୍ତା ଦିଆଯାଇଥିଲା। ଚାଷୀ ସମିତିରେ ଧାନ ଆଣି ଜମା କରି ରଖିଛନ୍ତି। ତେବେ ଟାର୍ଗେଟ ଶେଷ ହୋଇଯାଇଛି କହି ମିଲର୍ସ ଧାନ କିଣିଲେ ନାହିଁ। ଏଣୁ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପିମ୍ପଲର ବ୍ରଜବନ୍ଧୁ ଜୟସିଂ, ଗୌରାଙ୍ଗପୁର କାଶୀନାଥ ବଳିଆରସିଂହ କୁହନ୍ତି, ଚାଷୀ ଖରା, ବର୍ଷାରେ ଧାନକୁ ଜଗି ବସିଛନ୍ତି। ଯଦି ଟୋକନ ଲାପ୍ସ ହୋଇଗଲା ତାହାକୁ ରିଭାଲିଡେଟ କରାଯିବା କଥା। ଚାଷୀଙ୍କୁ ହଇରାଣ ହରକତ କରାଯିବା ପାଇଁ ନିୟମ ନାହିଁ। ହେଲେ ଚାଷୀ ଜିଲାପାଳ, ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରି ସୁଫଳ ପାଇ ନାହାନ୍ତି। ଏଣୁ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ଧାନର ଟାର୍ଗେଟ ନ ଆସିବାରୁ ଚାଷୀଙ୍କ ଟୋକନ ଲାପ୍ସ ହୋଇଯାଇଛି। ଏ ନେଇ ଚାଷୀ ଅଭିଯୋଗ କରିଛନ୍ତି। ଟୋକନକୁ ରିଭାଲିଟେଡ କରିବାକୁ ଜିଲାପାଳ ମାର୍ଚ୍ଚ ପ୍ରଥମ ସପ୍ତାହରେ ସରକାରଙ୍କୁ ଅବଗତ କରାଇଛନ୍ତି। ହେଲେ ସରକାରୀ ଲେବୁଲରୁ କିଛି ଉତ୍ତର ଆସିନି। ସେପଟେ ଚାଷୀ ଉତ୍ତେଜିତ ହୋଇ ପଡିଲେଣି। ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ହଇରାଣ କରାଯାଉନାହିଁ। ଏଆରସିଏସ୍ ବିରଜାନନ୍ଦ ଦାଶ କୁହନ୍ତି, ଆମେ ଧାନ କିଣିବାକୁ ଅଛୁ। ଟାର୍ଗେଟ ନ ଥିଲେ ଧାନ କିଣି ହେବନି। ଲାପ୍ସ ହୋଇଥିବା ଟୋକନ ରିଭାଲିଟେଡ ହେଲେ ପୁଣି ଧାନ କିଣାଯିବ। ଏ ନେଇ ଜିଲା ଯୋଗାଣ ଅଧିକାରୀ ଜିଲାପାଳଙ୍କୁ ଅବଗତ କରାଇଛନ୍ତି ବୋଲି ସେ କହିଛନ୍ତି।


ଗୌରାଙ୍ଗପୁର ପ୍ରାଥମିକ କୃଷି ସମବାୟ ସମିତି ଆଗରେ ଧାନ ବସ୍ତା ରଖି ଚାଷୀଙ୍କ ଧାରଣା।

- ଟୋକନକୁ ରିଭାଲିଡେଟ କରିପାରୁନି ପ୍ରଶାସନ
- ୨୫ ଦିନ ହେଲା ମଣ୍ଡିରେ ପଡ଼ି ରହିଛି ଧାନ
- ଚାଷୀଙ୍କ ଧାରଣା ପରେ ନିଦ ଭାଙ୍ଗୁନି ପ୍ରଶାସନର

## ସଂକ୍ଷେପରେ

### ସମୂହ ବ୍ରତୋପନୟନ ଏପ୍ରିଲ ୨୦ରେ

**ଖଣ୍ଡପଡ଼ା,୨୧।୩ (ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀନୀଳମାଧବ ପୀଠ ନିକଟସ୍ଥ ଯାତ୍ରାପଦା ବଜାରଠାରେ ପ୍ରତିଷ୍ଠିତ ପଞ୍ଚମୁଖୀ ହନୁମାନ ଜୀଉ ମନ୍ଦିର ପରିସରରେ ବ୍ରତ ହୋଇ ପାରୁ ନ ଥିବା ବ୍ରାହ୍ମଣ ପିଲାଙ୍କୁ ବ୍ରତୋପନୟନ କରାଯିବା ପାଇଁ ସ୍ଥିର କରାଯାଇଛି। ଚଳିତବର୍ଷ ଏପ୍ରିଲ ୨୦ରେ ସମୂହ ବ୍ରତୋପନୟନ ଅନୁଷ୍ଠିତ ହେବ। ଦୀର୍ଘ ୨୧ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଯେଉଁ ପିଲାମାନେ ଉପଯୁକ୍ତ ବିବେଚିତ ହେବେ ସେମାନଙ୍କ ଅଭିଭାବକମାନେ କମିଟିର ସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲ ଯୋଗଯୋଗ କରିବାକୁ କୁହାଯାଇଛି।

### ୨୮ରେ ଚାନ୍ଦପୁର ଦଶଦୋଳ ମେଳଣ

**ନୟାଗଡ଼ ଅଫିସ,୨୧।୩:** ଗଡ଼ଜାତ ରଣପୁର ବ୍ଲକ ଚାନ୍ଦପୁର ଦଶଦୋଳ ମେଳଣ ମହୋତ୍ସବ ମାର୍ଚ୍ଚ ୨୮ରେ ଶୋଭାଯାତ୍ରା ଓ ୨୯ ତାରିଖରେ ଠାକୁରମାନଙ୍କ ମେଳନ ଅନୁଷ୍ଠିତ ହେବ। ଆତସବାଜି, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ସପ୍ତାହ ବ୍ୟାପୀ ଏହା ପାଳନ ହେବ। ୨ ବର୍ଷ ଧରି କରୋନା ମହାମାରୀ ଯୋଗୁ ଉତ୍ସବ ଫିକା ପଡି ଯାଇଥିଲା। ଏଥିରେ ୭ଟି ପଞ୍ଚାୟତରୁ ୨୧ ବିମାନରେ ବିଜେ ପ୍ରତିମା ଆସିଥାନ୍ତି। ଅତିଥି ଠାକୁର ଦ୍ୱୟ ପଡ଼ୋଶୀ ଖାସମାହାଲ ଭଜାଗଡରୁ ଆସିଥାନ୍ତି। ମଧରାତ୍ରରେ ମେଳନ ଏଠାର ନିଆରା ପରମ୍ପରା ବୋଲି ସମ୍ପାଦକ ମନୋଜ ଦାସ ସୂଚନା ଦେଇଛନ୍ତି। ଚାନ୍ଦପୁର ଗାଁର ମା'ରାମଚଣ୍ଡୀ ପୀଠାଧିଶୋରୀ ଓ କନ୍ଧନୟାଗଡ଼ ଗାଁର ଶ୍ରୀ ଇଶାନେଶ୍ୱର ଦେବ ମନ୍ତ୍ରୀ ଅଟନ୍ତି। ପ୍ରତ୍ୟେକ ଦର୍ଶନାର୍ଥୀ ମାସ୍କ ପିନ୍ଧି ଆସିବାକୁ ଅନୁରୋଧ କରାଯାଇଛି। ରାଜା କୃଷ୍ଣଚନ୍ଦ୍ର ନରେନ୍ଦ୍ର ୧୯୩୬ ସାଲରୁ ଏହି ଯାତ ଆରମ୍ଭ କରିଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଓଡ଼ଗାଁ, ୨୧।୩ (ସ୍ୱ.ପ୍ର.):** ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ରବିବାର ଅପରାହ୍ଣରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ମଳିଙ୍ଗି ଗ୍ରାମ ଉପେନ୍ଦ୍ର ପ୍ରଧାନ (୨୧) ନିଜ ସମ୍ପର୍କୀୟଙ୍କ ସହ ବାଇକ୍ ପଛରେ ବସି ଗାଁରୁ ଓଡ଼ଗାଁ ଅଭିମୁଖେ ଆସୁଥିଲେ। ଓଡ଼ଗାଁ ଆଦର୍ଶ ଥାନା ରୋହିବାଙ୍କ ନିକଟରେ ସମାନାରୁ ଆସୁଥିବା ଏକ ମାଙ୍କଡା ବୋଝେଇ ଟ୍ରକ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଆରୋହୀ ବାଇକ୍‌ରୁ ଛିଟିକି ପଡିଥିଲେ। ଉପେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କର ଗୋଟିଏ ଗୋଡ ଭାଙ୍ଗିଯାଇଥିବାରୁ ଡାକ୍ତର ପ୍ରଥମେ ନୟାଗଡ଼ ଓ ପରେ ଭୁବନେଶ୍ୱର ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ସହ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଏ ନେଇ ଅଭିଯୋଗ ପାଇଲା ପରେ ଜୟ ମଙ୍ଗଳ ପ୍ରସାଦ ନିକଟରୁ ଦୁର୍ଘଟଣା ଘଟାଇଥିବା ଟ୍ରକ୍ (ନଂ. ଓଆର୦୨ଏଜି ୦୧୧୯)କୁ ଜବତ କରିବା ସହ ମାମଲାର ତଦନ୍ତ କରୁଛି।

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିମନ୍ତେ ୮ ଖଣ୍ଡ କାଠ ଗଲା

**ଖଣ୍ଡପଡ଼ା,୨୧।୩ (ସ୍ୱ.ପ୍ର)**

ଚଳିତବର୍ଷ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ନିମନ୍ତେ ସୋମବାର ଖଣ୍ଡପଡ଼ା ଅଞ୍ଚଳରୁ ୮ ଗୋଟି ଆମ୍ବଗଛ ଗଣ୍ଡି (କାଠ) ଭୁବନେଶ୍ୱର ପଠାଯାଇଛି। ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ଚିହ୍ନଟ ଆମ୍ବଗଛଗୁଡିକ କଟାଯିବା ପରେ ବାଇପାସ୍ ରାସ୍ତା ପାର୍ଶ୍ୱରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ତହସିଲଦାର ପାର୍ଥସାରଥି ହାସଁଦା, ବନପାଳ ଶ୍ରୀନିବାସ ଦାସ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଏକ ଟ୍ରକ ଯୋଗେ କାଠ ଗଣ୍ଡିଗୁଡିକୁ ଭୁବନେଶ୍ୱରସ୍ଥିତ ଶ୍ରୀଲିଙ୍ଗରାଜଙ୍କ ରଥ ଖଳାକୁ ପଠାଯାଇଥିଲା। ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନର କର୍ମକର୍ତ୍ତା ହେମନ୍ତ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୂଚାର ରୂପେ ଶେଷ ହୋଇଥିଲା।


ରୁକୁଣା ରଥ କାଠକୁ ଟ୍ରକ୍ ଯୋଗେ ପଠାଯାଉଛି।

## ବିଶ୍ୱ ଜଙ୍ଗଲ ଦିବସ ପାଳିତ

**ଓଡ଼ଗାଁ, ୨୧।୩ (ସ୍ୱ.ପ୍ର.)**



ସୋମବାର ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅମ୍ରିତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ କ୍ରୀଡ଼ାବିତ ତଥା ପରିବେଶପ୍ରେମୀ ଦିବାକର ନାୟକ ଉଦ୍‌ଘାଟନ କରିଥିବାବେଳେ ଫରେଷ୍ଟର ସନ୍ଧ୍ୟାରାଣୀ ନାୟକ, ସନାତନ ସ୍ୱାଇଁ, ପ୍ରକୃତିବନ୍ଧୁ ରଞ୍ଜନ ଦାଶ, ପରିବେଶପ୍ରେମୀ ପ୍ରଫୁଲ୍ଲ ମାଝୀ, ସୁକାନ୍ତ ଚୌଧୁରୀ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ସ୍କୁଲରେ ପିଲାଙ୍କ ସହିତ ବାଣ୍ଠପୁର, କଣମରେଇସାହି, ଗିରିଡିପଲ୍ଲୀ, ବେରୁଆଁବାରୀ, କୁରାଳ ଓ ରୋହିବାଙ୍କ ଗାଁର ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସଚେତନଧର୍ମୀ ସ୍ଲୋଗାନ, ପ୍ଲା କାର୍ଡ଼ ସହ ଲକ୍ଷ୍ମୀବଜାର, ଖାଡିତେଲିସାହି, ପାଇକସାହି, ଛାମୁସାହି, ଓଡ଼ିଆ ସାହି, ଧୋବାସାହି ଓ ପାଟଣାସାହି ପରିକ୍ରମା କରି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଜଙ୍ଗଲରେ ନିଆଁ ଲଗେଇବା ନାହିଁ, ଗଛ ଲଗାଇ ତା'ର ଯତ୍ନ ନେବା, ଗଛଟିଏ ପିଲାଟିଏ, ଗଛ ଆମର ବନ୍ଧୁ, ଜଙ୍ଗଲର ସୁରକ୍ଷା କରିବା ଇତ୍ୟାଦି ସ୍ଲୋଗାନ ଲୋକମାନଙ୍କ ମନରେ ଜଙ୍ଗଲ ଯତ୍ନ ପ୍ରତି ଥିବା ଆଗ୍ରହ ସହଜରେ ବାରି ହୋଇ ପଡୁଥିଲା। ସମସ୍ତଙ୍କ ସହଯୋଗରେ ଜଙ୍ଗଲର ସୁରକ୍ଷା ନିଶ୍ଚିତ କରିବାକୁ ଉଦ୍ୟମ ହୋଇଥିଲା। ଏହାସହ ସ୍ଥାନୀୟ ହେମମାଳି ମନ୍ଦିର ପରିସରରେ ବିପଦରେ ଥିବା ବଟ ବୃକ୍ଷର ପୂଜାର୍ଚ୍ଚନା କରିବା ଓ ଏହାର ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପ କରିଥିଲେ।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/21-22/E-Tender/120 ତା.17.03.2022ରିଖ

ଟେଣ୍ଡର ସଂ. e-tender-East-KUR-317-2021, ତା.16.03.2022ରିଖ

**ବିବରଣୀ :** 03 ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହରିଦାସପୁର-ପାରାଦ୍ୱୀପ ସେକ୍ସନର ରକ୍ଷଣାବେକ୍ଷଣ ନିମନ୍ତେ ମୋବାଇଲ ମେଣ୍ଟେନାନ୍ସ ଗ୍ୟାଙ୍ଗ୍ (MMG) ଏବଂ ପହରା କର୍ମଚାରୀ (Patroling men)ଙ୍କ ନିଯୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 818.61 ଲକ୍ଷ

EMD (ଟଙ୍କାରେ) : 5,59,300.00, ଶେଷ ହେବା ଅବଧି : 36 (ଛତିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.04.2022ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-910/M/21-22



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ଼୍ ଆସେଟ୍‌ସ୍ ରିକଭରି ଶାଖା, ମଧୁପାଟଣା, କଟକ, ଓଡ଼ିଶା

**ଦଖଲ ନୋଟିସ୍**
(ନିୟମ ୮(୧)) ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିଗୁଡିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟ ନଂ / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ସିସି: ୩୪୯୫୮୭୪୦୩୦୮, ଟିଏଲ: ୩୪୯୦୧୯୩୬୨୮୩ ଋଣଗ୍ରହୀତା: ଶ୍ରୀ ତ୍ରିଲୋଚନ ମୁଦୁଲି, ସା: ରୁକୁଣାଦେଇପୁର, ଭାୟା: ଏଡତାଳ, ଜିଲ୍ଲା: ଭଦ୍ରକ / ଗ୍ୟାରେଣ୍ଟିଦାତା: ଶ୍ରୀ ବାଇ ଧର ମୁଦୁଲି, ସା: ରୁକୁଣାଦେଇପୁର, ଭାୟା: ଏଡତାଳ, ଜିଲ୍ଲା: ଭଦ୍ରକ | ୧) ବନ୍ଧକପ୍ରାପ୍ତ ଷ୍ଟକ୍ ଏବଂ ମେସିନାରୀ ଯାହାକି ରୁକୁଣାଦେଇପୁର କାରଖାନା ପରିସରରେ ଅବସ୍ଥିତ । ୨) ଶ୍ରୀ ତ୍ରିଲୋଚନ ମୁଦୁଲିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରୁକୁଣାଦେଇପୁର, ଥାନା/ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଖାତା ନଂ: ୧୪୬, ପ୍ଲଟ୍ ନଂ: ୮୨୩, କ୍ଷେତ୍ର: ଏକର ୦.୧୫ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମଦନମୋହନ ମନ୍ଦିର, ପଶ୍ଚିମ: ଗଙ୍ଗାଧର ମୁଦୁଲି, ଉତ୍ତର: ମୁରଲୀଧର ମୁଦୁଲି, ଦକ୍ଷିଣ: ଡ୍ରେନ୍, ୩) ଶ୍ରୀ ବାଇଧର ମୁଦୁଲିଙ୍କ ନାମରେ ଥିବା ଖାଲି ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ରୁକୁଣାଦେଇପୁର, ଥାନା/ତହସିଲ: ବାସୁଦେବପରୁ, ଜିଲ୍ଲା: ଭଦ୍ରକ, ଖାତା ନଂ: ୨୫୬, ପ୍ଲଟ୍ ନଂ: ୨୨୮, କ୍ଷେତ୍ର: ଏକର ୧.୦୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ଜମି, ପଶ୍ଚିମ: ଉପେନ୍ଦ୍ର ବେହେରା, ଉତ୍ତର: ଗୟାଧର ମହାପାତ୍ର, ଦକ୍ଷିଣ: ରାସ୍ତା | ୨୨.୧୨.୨୦୨୧ସୁଦ୍ଧା ଟ.୪୪,୯୫,୫୨୮/- + ସେବାବଦ ପରବର୍ତ୍ତୀ ସୁଧ, ଆଇନ୍‌ଗତ ଖର୍ଚ୍ଚ ଇତ୍ୟାଦି | ୨୨.୧୨.୨୦୨୧ / ୧୭.୦୩.୨୦୨୨ |
| ଆକାଉଣ୍ଟ ନଂ.: ସିସି: ୩୬୯୧୬୬୪୨୩୪୨, ଟିଏଲ: ୩୬୫୩୨୫୦୮୧୧୬ ଋଣଗ୍ରହୀତା: ମେସର୍ସ ଦୀପକ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ମହାନ୍ତି, ସା: ପୁରୀପଡ଼ା, ପୋ: ଭଣ୍ଡାରୀ ପୋଖରୀ, ଭଦ୍ରକ - ୭୫୬୧୨୨ | ୧) ବନ୍ଧକପ୍ରାପ୍ତ ଷ୍ଟକ୍ ଏବଂ ମେସିନାରୀ ଯାହାକି ପୁରୀପଡ଼ା କାରଖାନା ପରିସରରେ ଅବସ୍ଥିତ । ୨) ଦୀପକ କୁମାର ମହାନ୍ତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ: ୨୮୪/୩୪୩, ପ୍ଲଟ୍ ନଂ: ୯୦୩, କ୍ଷେତ୍ର: ଏକର ୦.୩୫୦ ଡିସିମିଲି, ଅନୁରୂପ ଏମ୍.ଏସ୍. ଆର୍ ଓ ଆର୍ ନଂ: ୨୦, ପ୍ଲଟ୍ ନଂ: ୯୦୩, କ୍ଷେତ୍ର: ୦.୩୫୦ ଡିସିମିଲି, କିସମ: ଘରବାରୀ, ମୌଜା: ପୁରୀପଡ଼ା, ଏସ୍‌ଆରଓ : ଭଣ୍ଡାରୀ ପେଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ:୯୦୨, ପଶ୍ଚିମ: ପ୍ଲଟ୍ ନଂ: ୮୯୧/୧୫୧୫ ଏବଂ ୮୯୨/୧୫୧୬, ଉତ୍ତର: ଭାସ୍କର ମହାନ୍ତି, ଦକ୍ଷିଣ: ନାରାୟଣ ଦ୍ୱିବେଦୀ । ୩) ଦୀପକ କୁମାର ମହାନ୍ତିଙ୍କ ନାମରେ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ: ୨୮୧/୩୫୧, ପ୍ଲଟ୍ ନଂ: ୮୯୧/୧୫୧୫, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ପ୍ଲଟ୍ ନଂ: ୮୯୨/୧୫୧୬, କ୍ଷେତ୍ର: ଏକର ୦.୦୫୨୫ ଡିସିମିଲି, ଅନୁରୂପ ଏମ୍.ଏସ୍ ଆର୍ ଓ ଆର୍ ନଂ: ୧୫୮, ପ୍ଲଟ୍ ନଂ: ୮୯୧, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, ପ୍ଲଟ୍ ନଂ: ୮୯୨, କ୍ଷେତ୍ର: ଏକର ୦.୩୦୦ ଡିସିମିଲି, କିସମ: ଘରବାରୀ, ମୌଜା: ପୁରୀପଡ଼ା, ଏସ୍‌ଆରଓ : ଭଣ୍ଡାରୀ ପୋଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ: ୯୦୩, ପଶ୍ଚିମ: ସରକାରୀ ଜମି, ଉତ୍ତର: ୮୯୧/୮୯୨ ର ଅବଶିଷ୍ଟ ଜମି, ଦକ୍ଷିଣ: ପ୍ଲଟ୍ ନଂ: ୯୦୪ | ୨୮.୧୨.୨୦୨୧ସୁଦ୍ଧା ଟ.୨୭,୫୦,୮୩୭/- + ସେବାବଦ ପରବର୍ତ୍ତୀ ସୁଧ, ଆଇନ୍‌ଗତ ଖର୍ଚ୍ଚ ଇତ୍ୟାଦି | ୩୧.୧୨.୨୦୨୧ / ୧୭.୦୩.୨୦୨୨ |

ସ୍ଥାନ: କଟକ
ତାରିଖ: ୨୧.୦୩.୨୦୨୨
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

**ବିଜ୍ଞପ୍ତି**



No. g-75: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଏହି ଶିଶୁ କନ୍ୟାଟିକୁ ଗତ ତା୨୧।୦୨।୨୦୧୪ରିଖରୁ ରିତାରାଣୀ ସାହୁ ନାମକ ଏକ ମହିଳା ଆଣି ବସୁନ୍ଧରା ଶିଶୁଗୃହରେ ଛାଡ଼ି ଦେଇଯାଇଥିଲେ। ଏହି ଶିଶୁକନ୍ୟାଟିର ନାମ '**ଶ୍ରେୟା**' ଅଟେ। ସେ ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୧୨୭୭/୨୦୧୪ ଅନୁଯାୟୀ ବସୁନ୍ଧରାର ଶିଶୁଗୃହରେ ରହୁଅଛି। ତାହାର ଆନୁମାନିକ ବୟସ ୭ ବର୍ଷ (ଜନ୍ମ ପ୍ରାୟ ତା୩୦।୦୧।୨୦୧୪) ଅଟେ। ଏହା ମଧ୍ୟରେ ଅନେକଥର ରିତାରାଣୀ ସାହୁଙ୍କୁ କିମ୍ବା ତାଙ୍କର ପରିବାର ତଥା ବନ୍ଧୁ ପରିଜନଙ୍କୁ ସଂସ୍ଥା ତରଫରୁ ଯୋଗାଯୋଗ କରି ମଧ୍ୟ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରୁ ନାହିଁ କିମ୍ବା ସେମାନେ ପିଲାଟିକୁ ନେବା ପାଇଁ ତଥା ଖୋଜଖବର କରିବା ପାଇଁ ଆସୁନାହାନ୍ତି। ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ଗତ ତା୧୦।୦୫।୨୦୧୭ରିଖରେ ରେଲୱେ ଓଭରବ୍ରିଜ୍ ତଳ ରେଲୱେ ଷ୍ଟେସନ, କଟକରୁ ଉଦ୍ଧାର ହୋଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୫୬୧/୨୦୨୦ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଛି। ଏହି ଶିଶୁପୁତ୍ରଟିର ନାମ '**ସାଇ ମୁର୍ମୁ**' ଏବଂ ତାର ଆନୁମାନିକ ବୟସ ୫ବର୍ଷ (ଜନ୍ମ ପ୍ରାୟ ତା୧୦।୦୫।୨୦୧୭) ଅଟେ ବୋଲି ଗ୍ରହଣ କରାଯାଇଛି। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଅନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ସିଡିଏ ସେକ୍ଟର-୧୩ ପମ୍ପ ହାଉସ୍ ଗଡ଼ାର, ସିଡିଏ ଫେଜ୍-୨ ପୋଲିସ୍ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୮୭୨/୨୦୧୯ ଅନୁଯାୟୀ ତା୧୩।୦୭।୨୦୨୧ରିଖଠାରୁ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରହୁଅଛି। ଏହି ଶିଶୁପୁତ୍ରଟିର ନାମ '**ସମର୍ଥ**' ରଖାଯାଇଛି ଏବଂ ତା'ର ଆନୁମାନିକ ବୟସ ୭ ମାସ (ଜନ୍ମ ପ୍ରାୟ ତା୧।୭।୨୦୨୧ରିଖ) ଅଟେ। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଅନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁକନ୍ୟାଟିକୁ ଗତ ତା୧୯।୦୯।୨୦୧୩ରିଖରୁ ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୯୨୦/୨୦୧୩ ଅନୁଯାୟୀ ବସୁନ୍ଧରାର ଶିଶୁଗୃହରେ ରହୁଅଛି। ଏହି ଶିଶୁକନ୍ୟାଟିର ନାମ '**ଭୁବନେଶ୍ୱରୀ**' ଅଟେ। ସସ୍ମିତା ମହାନ୍ତି ନାମକ ଏକ ମହିଳା ଏହି ପିଲାଟିକୁ ଆଣି ଛାଡ଼ିଥିଲେ ଏବଂ ସେ ନିଜେ ସ୍ୱାଧାରଗୃହ ବସୁନ୍ଧରା ଗତିରାଉତ ପାଟଣାରେ ରହୁଥିଲେ। କିନ୍ତୁ ସେ ସେଠାରେ ଗତ ୧୬।୦୨।୨୦୨୦ ମସିହାରୁ କେଉଁଆଡ଼େ ଲୁଚି ପଳାଇ ଯାଇଛନ୍ତି। ତାଙ୍କର କିଛି ଖୋଜ ଖବର ମିଳି ପାରୁନାହିଁ। ଏହା ମଧ୍ୟରେ ଅନେକଥର ସସ୍ମିତା ମହାନ୍ତିଙ୍କୁ ତଥା ତାଙ୍କର ପରିବାରକୁ ଯୋଗାଯୋଗ କରିବାକୁ ଶତଚେଷ୍ଟା କରି ମଧ୍ୟ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରୁନାହିଁ କିମ୍ବା ସେମାନେ ପିଲାଟିକୁ ନେବା ପାଇଁ ତଥା ଖୋଜଖବର କରିବା ପାଇଁ କୌଣସି ସମୟରେ ଥରେ ମାତ୍ର ଆସିନାହାନ୍ତି। ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା "**ଶିଶୁ ଝୁଲା**"ରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୫୧୬୦/୨୦୨୧ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁପୁତ୍ରଟିର ନାମ '**ପ୍ରଭାସ**' ରଖାଯାଇଛି ଏବଂ ତା'ର ଜନ୍ମ ପ୍ରାୟ ତା୨୬।୦୧।୨୦୨୧ରିଖ ବୋଲି ଗ୍ରହଣ କରାଯାଇଅଛି। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁକନ୍ୟାଟିକୁ ଗତ ତା୨୧।୦୨।୨୦୨୧ରିଖରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ, କଟକ ପରିସରରେ ଅସହାୟ ଅବସ୍ଥାରେ ଉଦ୍ଧାର ହୋଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୪୬୭୧/୨୦୨୧ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଛି। ତା'ର ଆନୁମାନିକ ବୟସ ୪ବର୍ଷ (ଜନ୍ମ ପ୍ରାୟ ୨୦।୦୨।୨୦୧୮) ଅଟେ। ଏହି ଶିଶୁକନ୍ୟାଟିର ନାମ '**ସାବିତ୍ରୀ**' ଅଟେ। ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁପୁତ୍ରଟିକୁ ଗତ ତା୦୮।୦୨।୨୦୧୫ରିଖରେ କଟକ ଚାଇଲ୍ଡ ଲାଇନ୍ ଦ୍ୱାରା ଉଦ୍ଧାର ହୋଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୧୮୧୭/୨୦୧୫ ଅନୁଯାୟୀ ବସୁନ୍ଧରାର ଶିଶୁଗୃହରେ ରହିଆସୁଅଛି। ଏହି ଶିଶୁପୁତ୍ରଟିର ନାମ '**ଦର୍ଶନ**' ଏବଂ ତା'ର ଜନ୍ମ ତାରିଖ ତା୩୧।୧୨।୨୦୧୪ ଅଟେ। ଏହା ମଧ୍ୟରେ ଅନେକଥର ଆମ୍ଭେ ତା'ର ପିତା ଲକ୍ଷ୍ମୀଧର ସାମଲ ଓ ମାଆ ଜାହ୍ନବୀ ସାମଲଙ୍କୁ କିମ୍ବା ତାଙ୍କର କୌଣସି ପରିବାର ତଥା ବନ୍ଧୁ ପରିଜନଙ୍କୁ ଯୋଗାଯୋଗ କରିବାକୁ ଶତଚେଷ୍ଟା କରି ମଧ୍ୟ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ କିମ୍ବା ସେମାନେ ପିଲାଟିକୁ ନେବା ପାଇଁ ତଥା ଖୋଜଖବର କରିବା ପାଇଁ କୌଣସି ସମୟରେ ଥରେ ମାତ୍ର ଆସିନାହାନ୍ତି। ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଥଇଥାନ କରାଯିବ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁକନ୍ୟାଟି ପରିତ୍ୟକ୍ତ ଅବସ୍ଥାରେ ରାସ୍ତାକଡ଼ରୁ ଉଦ୍ଧାର ହୋଇ ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୩୭୨୭/୨୦୧୯ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ତା୧୬।୦୨।୨୦୧୯ରିଖରୁ ରହି ଆସୁଅଛି। ଉଦ୍ଧାରବେଳେ ଏହି ଶିଶୁକନ୍ୟାଟି କୌଣସି ପଶୁ ବା ଜନ୍ତୁଜନ୍ତାଙ୍କ ଆକ୍ରମଣର ଶିକାର ହୋଇ ଖଣ୍ଡିଆଖାବରା ହୋଇଥିଲା। ତା'ର ଆନୁମାନିକ ବୟସ ୩ବର୍ଷ (ଜନ୍ମ ପ୍ରାୟ ତା୮।୨।୨୦୧୯) ଅଟେ। ଏହି ଶିଶୁକନ୍ୟାଟିର ନାମ '**ନୀରୂପା**' ରଖାଯାଇଅଛି। ଉକ୍ତ ଶିଶୁକନ୍ୟାଟିର ପରିଚୟ ଜଣା ନଥିବାରୁ ଯଦି ତାର ମାତା, ପିତା କିମ୍ବା ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ପାରିବାରିକ ଥଇଥାନ କରାଯିବ।

OIPR-33038/11/0002/2122
**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**